ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.66 Bhubaneswar Wednesday 20, 2022 | ୨୫ତମ ବର୍ଷ ସଂଖ୍ୟା-୬୬ ଭୁବନେଶ୍ୱର, ବୁଧବାର, ଅପ୍ରେଲ ୨୦, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ଡ୍ରାଇଭର ସଂଘ ନାଁରେ ୩ କେସ୍: ଗୁଇନ୍ଦାକୁ କ୍ଲିନଚିଟ୍, ଅଡୁଆରେ କମିଶନରେଟ ପୁଲିସ

ଭୁବନେଶ୍ୱର,୧୯ା୪ (ପି.ଏନ): ଓଡିଶା ଡ୍ରାଇଭର ମହାସଂଘ ନିଜର ୧୧ ଦଫା ଦାବି ନେଇ ରାଜଧାନୀ ଭୁବନେଶ୍ୱରକୁ ୮ଘଣ୍ଟା ଧରି କବଜା କରି ନିଜର ମନମୁଖୀ କାରବାର କରିବା ଓ କମିଶନରେଟ ପୁଲିସ ଜଳକା ହୋଇ ନିଜର ଅପାରଗତା ପଦାରେ ପକାଇବା ସତ୍ତ୍ୱେ ସରକାର ଚୁପ୍ ବସିଛନ୍ତି । ନିଜର ଦାବି ପୂରଣ ପାଇଁ ଆନ୍ଦୋଳନକୁ ଓହ୍ଲାଇଥିବା ଡ୍ରାଇଭରମାନଙ୍କ ବିଶାଳ ଭିଡରୁ ସାଧାରଣ ଯାତ୍ରୀ, ରୋଗୀ, ସ୍କୁଲ ପିଲାଙ୍କଠୁ ଆରମ୍ଭ କରି ଅଫିସ କର୍ମଚାରୀ କେହି ବି ନିସ୍ତାର ପାଇନଥିଲେ । ପ୍ରାୟ ୬ରୁ ୮ ଘଣ୍ଟା ଡ୍ରାଇଭରମାନଙ୍କ କବଜାରେ ରାଜଧାନୀ ଭୁବନେଶ୍ୱରର ଅନେକ ସମ୍ବେଦନଶୀଳ ଅଂଚଳ ରହିଥିଲେ ମଧ ପୁଲିସ କାହିଁକି ସେମାନଙ୍କୁ ନିୟନ୍ତ୍ରଣ କରିପାରିଲାନି ଓ ରାଜ୍ୟ ଗୁଇନ୍ଦା ବିଭାଗ ଏନେଇ ସତର୍କ କରିବା ସତ୍ତ୍ୱେ ବି କମିଶନରେଟ ପୁଲିସ କିଭଳି ଫେଲ୍ ହେଲା ତାହା ଏବେ ସବୁଠୁ ବଡ ପ୍ରଶ୍ନ ହୋଇଛି ।୨୦୧୯ ଫେବୃୟାରୀ ମାସରେ ଚାଷୀଙ୍କୁ ରାଜଧାନୀରେ ପ୍ରବେଶ କରାଇ ଦେଇନଥିବା କମିଶନରେଟ ପୁଲିସ ଏବେ ଡ୍ରାଇଭରଙ୍କ ବେଳକୁ କାହିଁକି ଚୁପ୍ ରହିଲା ଓ ସେମାନଙ୍କୁ ନିୟନ୍ତ୍ରଣ କରିବା ନେଇ ତତ୍ପରତା କିମ୍ବା ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ କଲାନି ତାକୁ ନେଇ ଚର୍ଚ୍ଚା ଜୋର ଧରିଛି । ତେବେ ଏସବୁ ମଧ୍ୟରେ ଗତକାଲିର ଅଚଳାବସ୍ଥା ପାଇଁ ଗୁଇନ୍ଦା ବିଭାଗକୁ ସୁଚିନ୍ତିତ ଢଙ୍ଗରେ କ୍ଲିନଚିଟ୍ ଦିଆଯାଇ କମିଶନରେଟ ପୁଲିସ ଉପରେ ଦୋଷ ଲଦିବାକୁ ରଣନୀତି ପ୍ରସ୍ତୁତ ହୋଇଛି । ପୁଲିସ ଏସପି ଓ ଡିସିପିଙ୍କୁ ଏପ୍ରିଲ ୧୬ତାରିଖରେ ଗୁଇନ୍ଦା ବିଭାଗ ଦେଇଥିବା ଇନପୁଟ୍ ସଂକ୍ରାନ୍ତ ଚିଠିକୁ ଗଣମାଧମରେ ଲିକ୍ କରାଯାଇଛି । ଆଉ ସରକାରଙ୍କ ଏଭଳି ଆଭିମୁଖ୍ୟର ଟେର୍ ପାଇବା ପରେ କମିଶନରେଟ ପୁଲିସ ଆଜି ଡ୍ରାଇଭର ମହାସଂଘ ନାଁରେ ୩ଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।ମିଳିଥିବା ସୂଚନା ଅନୁସାରେ, ଏପ୍ରିଲ ୧୮ତାରିଖରେ ରାଜଧାନୀ ଭୁବନେଶ୍ୱରରେ ଓଡିଶା ଡ୍ରାଇଭର ମହାସଂଘର ଡାକରାରେ ସମଗ୍ର ରାଜ୍ୟରୁ ପ୍ରାୟ ୭୦ରୁ ୮୦ହଜାର ଡ୍ରାଇଭର ଏକଜୁଟ ହୋଇଛନ୍ତି । ଯଦିଓ ରାଜ୍ୟ ଗୁଇନ୍ଦା ବିଭାଗ ପ୍ରାୟ ୪୦ହଜାର ଡ୍ରାଇଭର ରାଜ୍ୟର ବିଭିନ୍ନ ଭାଗରୁ ରାଜଧାନୀକୁ ଏପ୍ରିଲ ୧୭ତାରିଖ ରାତିରୁ ଆସି ପହଂଚିବେ ବୋଲି ୪୮ଘଣ୍ଟା ପୂର୍ବରୁ ଭୁବନେଶ୍ୱର ଡିସିପିଙ୍କ ସମେତ ସବୁ ଜିଲ୍ଲାର ଏସପିମାନଙ୍କୁ ଅବଗତ କରାଇଥିଲା । କିନ୍ତୁ ଏଭଳି ଇନପୁଟ୍ ଥିବା ସତ୍ତ୍ୱେ କମିଶନରେଟ ପୁଲିସ କାହିଁକି ଡ୍ରାଇଭରମାନଙ୍କ ସମାବେଶକୁ ସୁବ୍ୟବସ୍ଥିତ କରିବା ପାଇଁ ତ୍ୱରିତ୍ ଟ୍ରାଫିକ୍ ପ୍ଲାନ୍ କଲାନି ଓ ରାଜଧାନୀର ପ୍ରମୁଖ ରାସ୍ତାଗୁଡିକୁ ସେମାନଙ୍କ କବଜାରେ ରହିବାକୁ ଦେଲା ତାହା ଏବେ ସବୁଠୁ ବଡ ପ୍ରଶ୍ନ ହୋଇଛି । ଗୁଇନ୍ଦା ଇନପୁଟ୍ ସତ୍ତ୍ୱେ ଡ୍ରାଇଭରଙ୍କ ସମାବେଶକୁ ନିୟନ୍ତ୍ରଣ କରିବା ପାଇଁ କମିଶନରେଟ ପୁଲିସର ସ୍ୱଳ୍ପ ପ୍ରସ୍ତୁତି କେବଳ ପିଏମଜି ଛକ ନିକଟରେ ରହିଥିଲା ବୋଲି ଜଣାପଡିଛି । ଗତକାଲି ଚୁପ୍ ଥିବା କମିଶନରେଟ ପୁଲିସ କିନ୍ତୁ ଆଜି ତତ୍ପରତା ଦେଖାଇ ଓଡିଶା ଡ୍ରାଇଭର ମହାସଂଘ ବିରୁଦ୍ଧରେ ୩ଟି ମାମଲା ରୁଜୁ କରିଛି ।ଭୁବନେଶ୍ୱର ପୁଲିସ ଡିସିପି ଉମାଶଙ୍କର ଦାଶ ଗଣମାଧମକୁ ସୂଚନା ଦେଇ କହିଛନ୍ତି ଯେ, ଭିଡିଓ ଫୁଟେଜ୍ ଆଧାରରେ ଦୋଷୀ ଡ୍ରାଇଭରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଡ୍ରାଇଭରମାନଙ୍କ ପ୍ରଦର୍ଶନ ସମ୍ପର୍କରେ କମିଶନରେଟ ପୁଲିସ ପାଖରେ ପୂର୍ବ ସୂଚନା ଥିଲା । ସହର ବାହାରେ ସେମାନେ ପ୍ରଦର୍ଶନ କରିବେ ବୋଲି ମହାସଂଘ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା । ମହାସଂଘର ନେତାମାନେ ଭୁବନେଶ୍ୱର ଆସି ସେମାନଙ୍କର ଦାବି ସମ୍ପର୍କରେ ଆଲୋଚନା କରିବେ ବୋଲି ଜଣାଇଥିଲେ । କିନ୍ତୁ ଡ୍ରାଇଭରମାନଙ୍କ ଉପରେ ମହାସଂଘର କର୍ମକର୍ତ୍ତାମାନେ ନିଜର ନିୟନ୍ତ୍ରଣ ହରାଇଥିଲେ । କେତେକ ଗାଡି ଭଙ୍ଗାରୁଜା କରିଛନ୍ତି । ଟ୍ରାଫିକ ସମସ୍ୟା ଯୋଗୁସାଧାରଣ ଲୋକଙ୍କୁ ହଇରାଣ ହେବାକୁ ପଡିଛି । ଡ୍ରାଇଭରମାନେ ବହୁ ସ୍ଥାନରେ ବେଆଇନ ଭାବେ ଗାଡି ମୋଟର ଅଟକାଇ ଟ୍ରାଫିକ ସମସ୍ୟା ସୃଷ୍ଟି କରିଥିବାରୁ ସେମାନଙ୍କ ବିରୁଦ୍ଧରେ ଦୃ? କାର୍ଯ୍ୟାନୁଷ୍ଠାନ ନିଆଯିବ ।ଅନ୍ୟପକ୍ଷରେ ରାଜ୍ୟ ପୁଲିସର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁସାରେ, ଡ୍ରାଇଭରମାନେ କେତେ ସଂଖ୍ୟାରେ ଭୁବନେଶ୍ୱରରେ ଏକଜୁଟ ହେବେ ସେ ନେଇ ଜିଲ୍ଲାୱାରି ଆକଳନ ଗୁଇନ୍ଦା ବିଭାଗ କରିଥିଲା । ଡ୍ରାଇଭରମାନେ ଭୁବନେଶ୍ୱରରେ ଏପ୍ରିଲ ୧୮ତାରିଖରେ ଏକଜୁଟ ହେବାକୁ ନେଇ ପ୍ରସ୍ତୁତି କରୁଥିବାର ସୂଚନା ଗତମାସରୁ ଗୁଇନ୍ଦା ବିଭାଗ ପାଖରେ ଥିଲା । ୨୦୨୧ ଅକ୍ଟୋବର ୨୧ତାରିଖରେ ଓଡିଶା ଡ୍ରାଇଭର ମହାସଂଘ ଅନୁରୂପ ଭାବେ ଭୁବନେଶ୍ୱରରେ ନିଜର ଉପସ୍ଥିତି ଜାହିର କରି ଟ୍ରାଫିକ ସମସ୍ୟା ସୃଷ୍ଟି କରିଥିବାରୁ ଗୁଇନ୍ଦା ବିଭାଗ ଏନେଇ ସତର୍କ କରାଇଥିଲା । ମାତ୍ର ମହାସଂଘର କର୍ମକର୍ତ୍ତାମାନଙ୍କ ସହ ଟେଲିଫୋନରେ କଥା ହୋଇ ସେମାନଙ୍କ ଭରସାରେ କମିଶନରେଟ ପୁଲିସ ଚୁପ୍ ବସିଯାଇଥିଲା । ଯାହାକି ଆଦୌ ଗ୍ରହଣୀୟ ନୁହେଁ । ରାଜଧାନୀରେ ଟ୍ରାଫିକ ସମସ୍ୟା ସୃଷ୍ଟି ନହେବା ଓ ସାଧାରଣ ଜନଜୀବନକୁ ପ୍ରଭାବିତ ନକରିବା ଓ ସୁରକ୍ଷା ଯୋଗାଇବା ଦାୟିତ୍ୱ କମିଶନରେଟ ପୁଲିସର ହୋଇଥିଲେ ମଧ ଡ୍ରାଇଭର ଆନ୍ଦୋଳନର ମୁକାବିଲାକୁ ନେଇ ପୂର୍ବପ୍ରସ୍ତୁତି ନକରାଯିବା ନିଶ୍ଚିତ ଭାବେ କମିଶନରେଟ ପୁଲିସର ବିଫଳତାକୁ ପଦାରେ ପକାଇଛି । ରାଜଧାନୀ ଭୁବନେଶ୍ୱରରେ ପୁଲିସର ଏଭଳି ବିଫଳତା ନିଶ୍ଚିତ ଭାବେ ରାଜ୍ୟ ପୁଲିସର ଦକ୍ଷତା ଓ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।



## ନୂଆ ରୂପରେ ବରମୁଣ୍ଡା ବସ ଷ୍ଟାଣ୍ଡ, ଚଳିତବର୍ଷ ଶେଷ ହେବ ବସ ଟର୍ମିନାଲ ନିର୍ମାଣ କାର୍ଯ୍ୟ

ଭୁବନେଶ୍ୱର :୧୯ା୪(ପି.ଏନ): ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟିଛି । ବରମୁଣ୍ଡା ବସ୍‌ଷ୍ଟାଣ୍ଡର ନିର୍ମାଣ କାର୍ଯ୍ୟ ଜୋରଦାର ଭାବେ ଆଗେଇ ଚାଲିଛି । ଆନ୍ତଃରାଜ୍ୟ ବସ୍ ଟର୍ମିନାଲ୍ କାମ ଚଳିତବର୍ଷ ଶେଷ ହେବାକୁ ଯୋଜନା ରହିଛି । ନୂଆ ବସ୍ ଟର୍ମିନାଲ୍ ନିର୍ମାଣ ସରିବା ପରେ ଭୁବନେଶ୍ୱର ପାଇଁ ଏକ ନୂଆ ପରିଚୟ ସୃଷ୍ଟି କରିବାର ସମ୍ଭାବନା ରହିଛି । ୨୦୨୦ ଶେଷ ଆଡକୁ ବରମୁଣ୍ଡା ବସ୍ ଟର୍ମିନାଲ୍ କାମ ଆରମ୍ଭ ହୋଇଥିଲା । ପ୍ରାୟ ୧୦ ବର୍ଷ ଧରି ବିଭିନ୍ନ ସମସ୍ୟା ପାଇଁ କାର୍ଯ୍ୟ ଅଟକିବା ପରେ ଏବେ ଏହା ସଫଳ ହୋଇଛି । ବସ୍‌ଟର୍ମିନାଲ୍ ସହିତ ବିଭିନ୍ନ ପ୍ରକାର ବ୍ୟବସାୟ ପ୍ରତିଷ୍ଠାନ ସାଙ୍ଗକୁ ଫୁଡ୍‌କୋଟ୍‌ର ବ୍ୟବସ୍ଥାମାନ ଏଠାରେ ରହିବ ।ନୂଆ ବସ୍ ଟର୍ମିନାଲ୍‌ର ବେସ୍‌ମେଣ୍ଟରେ କେବଳ କାର୍ ପାର୍କିଂ କରାଯିବ ବୋଲି ବ୍ୟବସ୍ଥା ରହିଛି । ପ୍ରଥମ ମହଲାରେ ବାଇକ୍ ଓ କାର ପାର୍କିଂ ସହିତ ଟିକଟ୍ କାଉଣ୍ଟର ମଧ ଏଠାରେ ରହିବ । ଏହାର ଉପରମହଲାରେ ବସ୍ ଚଳାଚଳ ପାଇଁ କଣ୍ଟ୍ରୋଲ୍‌ରୁମ୍ ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକ ରହିବ । ମୋଟ୍ ୧୮୦ କୋଟି ଟଙ୍କାରେ ନିର୍ମାଣରେ ଏହି ବସ ଟର୍ମିନାଲ୍ କାମ ହେଉଛି । ଏହି ବସ୍ ଟର୍ମିନାଲରେ ୩୫ଟି ବସ୍‌ବେ' ରହିବା ସହ ୨୦୦ଟି ବସ୍ ରହଣି ପାଇଁ ପାର୍କିଂ ସ୍ପେସ ମଧ କରାଯିବାର ବ୍ୟବସ୍ଥା ହୋଇଛି । ଏତଦ୍ ବ୍ୟତୀତ ଯାତ୍ରୀଙ୍କ ସୁବିଧା ପାଇଁ ୨୫୦ରୁ ଅଧିକ ଚାରିଚକିଆ ଓ ୧୭୫ଟି ଦୁଇଚକିଆ ଯାନର ପାର୍କିଂ ପାଇଁ ଏଠାରେ ବ୍ୟବସ୍ଥା କରାଯିବାକୁ ଯୋଜନା କରାଯାଇଛି । ସେହିପରି ଏହି ବସ୍ ଟର୍ମିନାଲ୍‌ରେ ଓଡିଶାର କଳା ସଂସ୍କୃତିର ମଧ ଛାପ ରହିବାର ଯୋଜନା କରାଯାଇଛି ।ସେପଟେ ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରିଛି ଘରୋଇ ବସ ମାଲିକ ସଂଘ । ଦୈନନ୍ଦିନ ୧୫ ଶହ ବସ ଏହା ମଧ୍ୟରେ ଚଳପ୍ରଚଳ କରୁଛି । ଏଣୁ କାମ ଶେଷ ହେବା ପର୍ଯ୍ୟନ୍ତ ଯାତ୍ରୀଙ୍କ ସୁବିଧା ଦିଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛି ସଂଘ । ଟର୍ମିନାଲ ନିର୍ମାଣ ପୂର୍ବରୁ ଶୌଚାଳୟ, ପିଇବା ପାଣି ଆଦିର ବ୍ୟବହାର ଦିଗରେ ସରକାର ଧ୍ୟାନ ଦେବାକୁ ଦାବି କରିଛି ସଂଘ । ତେବେ ବରମୁଣ୍ଡା ବସ ଷ୍ଟାଣ୍ଡକୁ ଏକ ନୂତନ ରୂପ ଦେବାକୁ ରାଜ୍ୟ ସରକାର ଏହାର ପ୍ରଜେକ୍ଟ କାର୍ଯ୍ୟ ଆରମ୍ଭ କରିଥିଲେ । ବିଶ୍ୱସ୍ତରୀୟ ବସଷ୍ଟାଣ୍ଡ ନେଇ ଏକ ପ୍ରତିକାତ୍ମକ ଚିତ୍ର ପ୍ରକାଶ କରିଥିଲେ । ନୂତନ ବସଷ୍ଟାଣ୍ଡରେ ସମସ୍ତ ପ୍ରକାର ଅତ୍ୟାଧୁନିକ ବ୍ୟବସ୍ଥା ରହିବ ବୋଲି ଆଗରୁ ଏନେଇ ରାଜ୍ୟ ସରକାର ସୂଚନା ପ୍ରଦାନ କରିଛନ୍ତି ।

## ଗୋଟିଏ ଦିନରେ ୧୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୯ା୪ (ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୭୯୫୧ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୮୬୭୪ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୧୧ ରହିଛି ।ଆଜି ଚିହ୍ନଟ ହୋଇଥିବା ୧୬ ଜଣଙ୍କ ମଧ୍ୟରୁ ୧୦ ଜଣ ସଂଗରୋଧରୁ ହୋଇଥିବା ବେଳେ ୬ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୭ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାରେ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀର ଜିଲ୍ଲାରେ ୧ ଜଣ ତଥା କେନ୍ଦ୍ରାପଡା ଜିଲ୍ଲାରେ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ରାୟଗଡା ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁର ଜିଲ୍ଲାରୁ ୧ ଜଣ ଓ ସୁନ୍ଦରଗଡ ଜିଲ୍ଲାରୁ ୩ ସଂକ୍ରମିତ ହୋଇଛନ୍ତି । ସେହିପରି ଷ୍ଟେଟ ପୁଲରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଅବଶିଷ୍ଟ ୨୩ଟି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

## ନୂଆ ସେନାମୁଖ୍ୟଙ୍କୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯ା୪ (ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆ ସେନା ମୁଖ୍ୟ ଲେଫ୍ଟିନେଂଟ ଜେନେରାଲ ମନୋଜ ପାଣ୍ଡେଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ମୁଖ୍ୟ ଲେଫ୍ଟିନେଂଟ ଜେନେରାଲ ମନୋଜ ପାଣ୍ଡେଙ୍କୁ ଭାରତୀୟ ସେନାର ୨୯ ତମ ଚିଫ ଅଫ ଆର୍ମୀ ଷ୍ଟାଫ ଭାବେ ନିଯୁକ୍ତ କରାଯାଇଥିବାରୁ ଅଭିନନ୍ଦନ । ତାଙ୍କର ସଫଳ କାର୍ଯ୍ୟକାଳ ପାଇଁ କାମନା କରୁଛି ।

### ଅନ୍ୟ ରାଜ୍ୟରେ ସଂକ୍ରମଣ ବଢୁଥିବାରୁ ପ୍ରିକସନ୍ ଡୋଜ୍ ନେବା ଜରୁରୀ

ଭୁବନେଶ୍ୱର, ୧୯ା୪ (ପି.ଏନ): କରୋନା ସଂକ୍ରମଣ କମିଥିବାରୁ ପ୍ରିକସନ ଡୋଜ ନେବା ପାଇଁ ଲୋକଙ୍କ ଆଗ୍ରହ ନାହିଁ । ତେବେ ଦିଲ୍ଲୀ ଓ ଅନ୍ୟ ରାଜ୍ୟରେ ସଂକ୍ରମଣ ବଢ଼ିଲାଣି । ତେଣୁ ଲୋକଙ୍କୁ ପ୍ରିକସନ୍ ଡୋଜ୍ ଟିକା ନେବାକୁ ନିବେଦନ କରିଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ।ସେ କହିଛନ୍ତି ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ମାତ୍ର ୧୭% ଲୋକ ପ୍ରିକସନ ଡୋଜ ନେଇଛନ୍ତି । ଅର୍ଥାତ ୧୦ ଲକ୍ଷ ୧୯ ହଜାର ୮୮୧ ଜଣ ପ୍ରିକସନ ଡୋଜ ନେଇଛନ୍ତି । ରାଜ୍ୟରେ ୫୯ ଲକ୍ଷ ୪୨ ହଜାର ୭୯୬ ଜଣଙ୍କୁ ପ୍ରିକସନ ଡୋଜ ଦେବା ବର୍ତ୍ତମାନ ସୁଦ୍ଧା ପାଇଁ ଲକ୍ଷ୍ୟ ରଖାଯାଇଛି । ୧୮ ବର୍ଷରୁ ଅଧିକ ଶ୍ରେଣୀରେ ଏଯାଏ ମାତ୍ର ୬,୭୨୭ ଜଣ ପ୍ରିକସନ ଡୋଜ ନେଇଛନ୍ତି ।

## ରାଜ୍ୟରୁ ହଟି ନାହିଁ ମାସ୍କ ପିନ୍ଧିବା କଟକଣା: ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୯ା୪ (ପି.ଏନ): ରାଜ୍ୟରେ କୋଭିଡ କାରଣରୁ ଲଗା ଯାଇ ଥିବା ମାସ୍କ ପିନ୍ଧିବା ସମ୍ପର୍କିତ କଟକଣାକୁ ଏଯାବତ ହଟା ଯାଇ ନାହିଁ ବୋଲି କହିଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର । ଦିଲ୍ଲୀ ସମେତ ଅନ୍ୟ ରାଜ୍ୟ ମାନଙ୍କରେ କରୋନା ମାମଲା ବଢୁଥିବା ପରିପ୍ରେକ୍ଷୀରେ ସେ କହିଛନ୍ତି ଯେ ଏବେ ମଧ ରାଜ୍ୟରେ ଲୋକ ମାନଙ୍କୁ ମାସ୍କ ପିନ୍ଧିବା ପାଇଁ ସମସ୍ତଙ୍କୁ କୁହାଯାଇଛି । ଭିଡ଼ ସ୍ଥାନକୁ ଗଲେ ମାସ୍କ ପିନ୍ଧନ୍ତୁ । ଦିଲ୍ଲୀ ଓ ଅନ୍ୟ ରାଜ୍ୟରେ ପରିସ୍ଥିତି ଜଟିଳ ହେଉଥିବା ବେଳେ ଆମ ରାଜ୍ୟର ସ୍ଥିତି ଭଲ ଅଛି । ଦୈନିକ ସଂକ୍ରମଣ ୧୦ ରୁ ୨୦ ମଧ୍ୟରେ ରହୁଛି । ତେଣୁ ସମସ୍ତେ କୋଭିଡ ନିୟମ ପାଳନ କଲେ ରାଜ୍ୟର ସ୍ଥିତି ନିୟନ୍ତ୍ରଣରେ ରହିବ ।ଯେଉଁଠି ଆବଶ୍ୟକ ସେଇଠି ନୂଆ ଷ୍ଟ୍ରାଟେଜି କରିବାକୁ ସବୁ ଜିଲ୍ଲାପାଳଙ୍କୁ କୁହାଯାଇଛି । ଏହାସହ ସ୍ୱାସ୍ଥ୍ୟ ବିଭାଗ ସ୍ଥିତି ଉପରେ ସମ୍ପୂର୍ଣ୍ଣ ନଜର ରଖିଛି । ଆଗକୁ ସ୍ଥିତି ଦେଖି ନିଷ୍ପତି ନିଆଯିବ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଛି ଯେ ବର୍ତ୍ତମାନ ଏହାର ସିରିଅସିଟି ନାହିଁ । ଏହାକୁ ଚତୁର୍ଥ ଲହର କହିହେବ ନାହିଁ ବୋଲି ସେ କହିଛନ୍ତି ।

## ସଚିବାଳୟ ସେବା ସଂଗଠନର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

ଭୁବନେଶ୍ୱର, ୧୯ା୪ (ପି.ଏନ): ଓଡିଶା ସଚିବାଳୟ ସେବା ସଂଗଠନର ନବନିର୍ବାଚିତ କର୍ମକର୍ତ୍ତାଙ୍କର ଶପଥ ଗ୍ରହଣ ଉତ୍ସବ ଲୋକସେବା ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ସେବାସଂଘର ନିର୍ବାଚନ କମିଶନର ମନୋଜ ପଟ୍ଟନାୟକ, ରମେଶ ଚନ୍ଦ୍ର ମଲ୍ଲିକ ଏବଂ ସମରେନ୍ଦ୍ର ନନ୍ଦୀ ନିର୍ବାଚିତ କର୍ମକର୍ତା ମାନଙ୍କୁ ଶପଥ ପାଠ କରାଇଥିଲେ । ଗତ ଏପ୍ରିଲ ୧୨ ତାରିଖରେ ଉକ୍ତ ସଂଘର ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା ।ପ୍ରଯନ୍ ବରାଳଙ୍କ ନେତୃତ୍ୱରେ ଗଠିତ ଯୁବଗୋଷ୍ଠୀ ସମସ୍ତ ୯ ଗୋଟି ପଦରେ ବାଜିମାତ କରିଥିଲେ । ଆଜିର ଏହି ଶପଥ ଗ୍ରହଣ ଉତ୍ସବରେ ଅଜୟ କୁମାର ସ୍ୱାଇଁ (ସଭାପତି) , ଅଜୟ କୁମାର ପରିଡା ଏବଂ ପ୍ରତ୍ୟୁଷ କୁମାର କଅଁର (ଉପସଭାପତି), ପ୍ରଯନ୍ ବରାଳ (ସାଧାରଣ ସମ୍ପାଦକ) , ଅମିତ କୁମାର ମହାନ୍ତି , ବିବେକାନନ୍ଦ ସାହୁ , ବିଷ୍ଣୁ ଚରଣ ନାଏକ ଏବଂ ଚିରଞ୍ଜିବୀ ସ୍ୱାଇଁ (ସମ୍ପାଦକ) ଏବଂ ଲଳିତ ମୋହନ ଦାସ (ସମୀକ୍ଷକ) ପଦବୀରେ ଶପଥ ଗ୍ରହଣ କରିଥିଲେ । ଏହି ଉତ୍ସବରେ ସଂଘର ପାଖାପାଖି ୧୫୦୦ ଜଣ ସଦସ୍ୟ ଉପସ୍ଥିତ ଥିଲେ ।

## ସିଝୁଛି ସାରା ଓଡିଶା, ସୋନପୁରରେ ରେକର୍ଡ ୪୪.୪°

ଭୁବନେଶ୍ୱର, ୧୯ା୪ (ପି.ଏନ): ପ୍ରବଳ ତାତିରେ ସିଝୁଛି ସାରା ଓଡିଶା । ବିଶେଷ କରି ଆଭ୍ୟନ୍ତରୀଣ ଓଡିଶାରେ ତାତି ଅସହ୍ୟ ହେଉଛି । ମଙ୍ଗଳବାର ରାଜ୍ୟର ୨୧ ଟି ସହରର ତାପମାତ୍ରା ୪୦ ଡିଗ୍ରୀ ବା ତା ଠାରୁ ଅଧିକ ରହିଛି । ସେହିପରି ୯ଟି ସହରର ତାପମାତ୍ରା ୪୨ ଡିଗ୍ରୀ ଉପରେ ରେକର୍ଡ ହୋଇଛି । ଆଜି ସୋନପୁର ରାଜ୍ୟର ସର୍ବାଧିକ ଉତପ୍ତ ସହର ହୋଇଛି । ଏଠାରେ ତାପମାତ୍ରା ୪୪.୪ ଡିଗ୍ରୀ ରେକର୍ଡ ହୋଇଛି ।ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ ସୋନପୁର ପରେ ଆଜି ଦ୍ୱିତୀୟ ଉତପ୍ତ ସହର ରହିଥିଲା ବଲାଙ୍ଗୀର । ଏଠାରେ ୪୪.୩ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି । ସେହିପରି ଅନୁଗୁଳରେ ୪୩.୧ ଡିଗ୍ରୀ, ବାରିପଦାରେ ୪୧.୦ ଡିଗ୍ରୀ, ଝାରସୁଗୁଡ଼ାରେ ୪୨.୮ ଡିଗ୍ରୀ, କେନ୍ଦୁଝରରେ ୪୦.୨ଡିଗ୍ରୀ, ସମ୍ବଲପୁରରେ ୪୨.୪ ଡିଗ୍ରୀ, ସୁନ୍ଦରଗଡ଼ରେ ୪୨.୫ ଡିଗ୍ରୀ, ହୀରାକୁଦରେ ୪୧.୬ ଡିଗ୍ରୀ, ଭବାନୀପାଟଣାରେ ୪୨.୦ଡିଗ୍ରୀ, ଟିଟିଲାଗଡ଼ରେ ୪୩.୫ ଡିଗ୍ରୀ, ତାଳଚେରରେ ୪୦.୬ ଡିଗ୍ରୀ , ଭଦ୍ରକରେ ୪୦.୦ଡିଗ୍ରୀ , ଢେଙ୍କାନାଳରେ ୪୦.୦ଡିଗ୍ରୀ , ଦେବଗଡ଼ରେ ୪୨.୦ ଡିଗ୍ରୀ, ବରଗଡ଼ରେ ୪୦.୫ ଡିଗ୍ରୀ, ନୂଆପଡ଼ାରେ ୪୧.୦ ଡିଗ୍ରୀ, ଖୋର୍ଦ୍ଧାରେ ୪୦.୦ ଡିଗ୍ରୀ, ବୌଦ୍ଧରେ ୪୩.୦ ଡିଗ୍ରୀ, ପାରଳାଖେମୁଣ୍ଡିରେ ୪୧.୦ ଡିଗ୍ରୀ ଓ ମାଲକାନଗିରିରେ ୪୦.୦ ଡିଗ୍ରୀ ଡିଗ୍ରି ତାପମାତ୍ରା ରେକର୍ଡ କରାଯାଇଛି । ସେହିପରି ଭୁବନେଶ୍ୱରରେ ୩୭.୬ ଡିଗ୍ରୀ ଓ କଟକରେ ୩୭ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି । ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଆଗାମୀ ୨ ଦିନ ଯାଏଁ ଦିନ ତାପମାତ୍ରା ଆଭ୍ୟନ୍ତରୀଣ ଓଡ଼ିଶାରେ ଅନେକ ସ୍ଥାନରେ ସ୍ୱାଭାବିକ ତାପମାତ୍ରା ଠାରୁ ୩ରୁ ୪ ଡିଗ୍ରୀ ଅଧିକ ରହିବା ସମ୍ଭାବନା ରହିଛି ।



## ଶିଶୁମାନଙ୍କୁ ନିମ୍ନମାନର ଛତୁଆ,ରାଜ୍ୟବାସୀଙ୍କୁ ଅଖାଦ୍ୟ ଚାଉଳ ଦେଉଛନ୍ତି ରାଜ୍ୟ ସରକାର : ବିଜେପି

ଭୁବନେଶ୍ୱର, ୧୯ା୪ (ପି.ଏନ): ଶିଶୁମାନଙ୍କୁ କିପରି କୁପୋଷଣରୁ ସୁପୋଷଣ ଆଡକୁ ନିଆଯିବ ଏବଂ ତାଙ୍କ ସ୍ୱାସ୍ଥ୍ୟକୁ ଧ୍ୟାନ ଦେଇ ମୋଦି ସରକାର କେନ୍ଦ୍ରରେ ଅନେକ ଯୋଜନା ଆରମ୍ଭ କରିଛନ୍ତି । ୧୩ ଲକ୍ଷ ୨୦ ହଜାର ୨୨୮ ଜଣ ଆଙ୍ଗନବାଡୀ କର୍ମଚାରୀ ଏବଂ ୧୧ଲକ୍ଷ ୮୪ ହଜାର ୦୩୬ ଆଙ୍ଗନାବାଡୀ ସହାୟକଙ୍କ ଜରିଆରେ ଦେଶରେ ବର୍ତ୍ତମାନ ୧୩ ଲକ୍ଷ ୯୯ ହଜାର ୬୯୭ଟି ଆଙ୍ଗନାବାଡୀ କେନ୍ଦ୍ର କାର୍ଯ୍ୟ କରୁଛି । ପ୍ରଧାନମନ୍ତ୍ରୀ ମାତୃତ୍ୱ ଯୋଜନା ଅଧିନରେ ୨.୪ କୋଟିରୁ ଉର୍ଦ୍ଧ୍ୱ ଗର୍ଭବତୀ ମହିଳାଙ୍କୁ ୧୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସହାୟତା ପ୍ରଦାନ କରିଛନ୍ତି । ଜନସଚେତନତା ସୃଷ୍ଟି କରିବା ପାଇଁ ସାରା ଦେଶରେ ୪୦ କୋଟିରୁ ଉର୍ଦ୍ଧ୍ୱ ପୋଷଣ କୈନ୍ଦ୍ରିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କର୍ମଜୀବି ମହିଳାମାନଙ୍କ ମାତୃତ୍ୱ ଅବକାଶକୁ ୧୨ ସପ୍ତାହରୁ ୨୪ ସପ୍ତାହକୁ ବୃଦ୍ଧି କରାଯାଇଛି । ଗରୀବମାନଙ୍କୁ ଅପପୃଷ୍ଟିରୁ ମୁକ୍ତି ଏବଂ ମହିଳା, ଶିଶୁ ଓ ସ୍ତନ୍ୟପାନ କରାଉଥିବା ମା ମାନଙ୍କୁ ଆବଶ୍ୟକୀୟ ପୋଷକ ତତ୍ୱ ଯୋଗାଇ ଦେବା ପାଇଁ ବର୍ତ୍ତମାନ ସୁଦ୍ଧା ୭.୩୧ ଲକ୍ଷ ମେଟ୍ରିକ ଟନ ପୋଷକଯୁକ୍ତ ଚାଉଳ ଆବଂଟନ ହୋଇଛି । ପୋଷଣ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରିବା ପାଇଁ ରାଜ୍ୟମାନଙ୍କୁ ୧୧.୦୩ଲକ୍ଷ ସ୍ମାର୍ଟ ଫୋନ ଏବଂ ୧୧.୯୪ ଲକ୍ଷ ଗ୍ରୋଥ ମନିଟରିଂ ଯନ୍ତ୍ର ଓ ପୋଷଣ ଟ୍ରାକର ମାଧ୍ୟମରେ ହିତାଧିକାରୀମାନଙ୍କୁ ଯୋଡାଯାଇଛି ବୋଲି ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ସଂପାଦିକ ଡ.ଐଶ୍ୱର୍ଯ୍ୟା ବିଶ୍ୱାଳ କହିଛନ୍ତି ।ଅନ୍ୟପଟେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସମ୍ପୂର୍ଣ୍ଣ ଓଲଟା । କୋମଳମତି ଶିଶୁମାନଙ୍କୁ ନିମ୍ନମାନର ଛତୁଆ ଦେଉଥିବା ରାଜ୍ୟ ସରକାର ବର୍ତ୍ତମାନ ରାଜ୍ୟବାସୀଙ୍କୁ ଅଖାଦ୍ୟ ଚାଉଳ ଖାଇବାକୁ ଦେଉଛନ୍ତି । କେନ୍ଦ୍ର ସରକାରଙ୍କ "ଅପପୃଷ୍ଟି ମୁକ୍ତ ଭାରତ"କୁ ଚକ୍ରାନ୍ତ କରି ଅସଫଳ କରିବାରେ ରାଜ୍ୟ ସରକାର ଲାଗିପଡିଛନ୍ତି ବୋଲି ଡ. ବିଶ୍ୱାଳ କହିଛନ୍ତି ।ଓଡିଶାକୁ ନିନ୍ଦିତ କରିଥିବା ବହୁଚର୍ଚ୍ଚିତ ନଗଡା ଅପପୃଷ୍ଟି ଘଟଣାରୁ ରାଜ୍ୟ ସରକାର କୌଣସି ଶିକ୍ଷା ପ୍ରାପ୍ତ କରିନାହାନ୍ତି । ଆଜି ମଧ ନଗଡା ଅଂଚଳ ବିକାଶର ବହୁ ଦୂରରେ ଅଛି । ଶିଶୁଙ୍କ ଶାରିରୀକ ଓ ମାନସିକ ବିକାଶ ପାଇଁ ଧାର୍ଯ୍ୟ ୫ଟି ବିନ୍ଦୁରେ ରାଜ୍ୟ ସରକାର ବିଫଳ । "ଲୋ ବର୍ଥ" ଶିଶୁ ଜନ୍ମ କ୍ଷେତ୍ରରେ ଓଡିଶା ରାଜ୍ୟର ସ୍ଥାନ ସର୍ବାଗ୍ରେ ଏବଂ ଏହି ପରିସଂଖ୍ୟାନ ୧୮.୨୫ ପ୍ରତିଶତ । ମହିଳାଙ୍କ କ୍ଷେତ୍ରରେ ରକ୍ତହୀନତା ସବୁଠୁ ବଡ ସମସ୍ୟା ଏବଂ ରାଜ୍ୟରେ ରକ୍ତହୀନତା ମହିଳାଙ୍କ ସଂଖ୍ୟା ୫୦ ପ୍ରତିଶତରୁ ୬୪ ପ୍ରତିଶତକୁ ବୃଦ୍ଧି ପାଇବା ଅତ୍ୟନ୍ତ ଚିନ୍ତାଜନକ । ବୟସ ତୁଳନାରେ ୩୦ ପ୍ରତିଶତ ଶିଶୁଙ୍କ ଓଜନ କମ୍ ଅଛି । ୧୮ ପ୍ରତିଶତ ଶିଶୁମାନେ 'ୱେଷ୍ଟିଙ୍ଗ' ତଥା ମାଂସପେଶୀ ଅଭାବର ଶୀକାର ହେଉଛନ୍ତି । ଗର୍ଭବତୀ ମହିଳାମାନଙ୍କୁ ଉପଯୁକ୍ତ ପୃଷ୍ଟିକର ଖାଦ୍ୟ ଅଭାବ ଥିବା କାରଣରୁ ଓଡିଶାରେ ଶିଶୁ ମୃତ୍ୟୁ ହାର ପ୍ରତି ହଜାରରେ ୪୧ । ନିମ୍ନ ମାନର ଚାଉଳ, ଛତୁଆ ଓ ଅଣ୍ଡା ଖାଇ ଅପପୃଷ୍ଟିର ଶିକାର ହେଉଛନ୍ତି ରାଜ୍ୟର ଶିଶୁ ଓ ମହିଳା । ଶାସକ ବିଜେଡି ଦୀର୍ଘ ୨୨ ବର୍ଷ ଧରି ଶାସନ କ୍ଷମତାରେ ଥିବା ସତ୍ତ୍ୱେ ପୃଷ୍ଟିକର ଖାଦ୍ୟ ଯୋଗାଇବାରେ ରାଜ୍ୟ ସରକାର କାହିଁକି ବିଫଳ ବୋଲି ପ୍ରଶ୍ନ କରିବା ସହିତ ରାଜ୍ୟ ସରକାରଙ୍କ ଶାସନ ଆଜି କୁପୋଷଣର ଶିକାର ହୋଇଯାଇଥିବା ଡ.ବିଶ୍ୱାଳ ତାସଲ୍ୟ କରି କହିଛନ୍ତି ।ମୋଦି ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ବାସ୍ତବ କାର୍ଯ୍ୟକାରିତା ଏବଂ ସାଧାରଣ ଜନତାଙ୍କୁ ଯୋଜନା ସଂପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଜେପି କାର୍ଯ୍ୟକର୍ତ୍ତାମାନେ ଗଗତ ୭ ତାରିଖରୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ କାର୍ଯ୍ୟ କରୁଛନ୍ତି । ଆଜି ଏହି ଅବସରରେ ଓଡିଶାରେ ମଧ ମହିଳା ମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କ ସମେତ ଅନ୍ୟାନ୍ୟ ବିଜେପି କାର୍ଯ୍ୟକର୍ତ୍ତାମାନେ ବିଭିନ୍ନ ଅଙ୍ଗନବାଡୀ କେନ୍ଦ୍ରକୁ ଯାଇ ଯୋଜନାର କାର୍ଯ୍ୟକାରିତାର ତଦାରଖ ଏବଂ ଜନସଚେତନ ସୃଷ୍ଟି କରୁଛନ୍ତି ବୋଲି ଡ.ବିଶ୍ୱାଳ ସୁଚନା ଦେଇଛନ୍ତି ।ଆଜିର ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଗଣମାଧ୍ୟମ ସହମୁଖ୍ୟ ସୁଜିତ୍ କୁମାର ଦାସ୍ ଏବଂ ମହିଳା ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀମତୀ ରଶ୍ମିମୟୀ ପଟ୍ଟନାୟକ ଉପସ୍ଥିତ ଥିଲେ ।

## ରାଜ୍ୟ ସରକାରଙ୍କ ନିଷ୍ପତି : କେନ୍ଦୁପତ୍ର ସଂଗ୍ରହ ମୂଲ୍ୟ ରେ ବୃଦ୍ଧି

ଭୁବନେଶ୍ୱର, ୧୯ା୪(ପି.ଏନ): ରାଜ୍ୟର ଲକ୍ଷ ଲକ୍ଷ କେନ୍ଦୁପତ୍ର ତୋଳାଳୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର କେନ୍ଦୁପତ୍ରର ସଂଗ୍ରହ ମୂଲ୍ୟ ବୃଦ୍ଧି କରିବା ପାଇଁ ନିଷ୍ପତି ଗ୍ରହଣ କରିଛନ୍ତି । ଏହି ନିଷ୍ପତି ଅନୁଯାୟୀ ୨୦୨୨ ଫସଲ ବର୍ଷ ପାଇଁ ଉଭୟ ପ୍ରୋସେସ ଅଞ୍ଚଳ ଓ ଫାଲ ଅଂଚଳରେ କେନ୍ଦୁପତ୍ର ସଂଗ୍ରହ ମୂଲ୍ୟରେ ବୃଦ୍ଧି କରାଯାଇଛି । ଏହାଦ୍ୱାରା ରାଜ୍ୟରେ ୭.୫୦ ଲକ୍ଷ ଗରୀବ କେନ୍ଦୁପତ୍ର ତୋଳାଳୀ ୨୪୦ କୋଟି ଟଙ୍କାର ଅଧିକ ରୋଜଗାର ପାଇପାରିବେ. ଏମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଜନଜାତି ମହିଳା ।ଏହାସହିତ ରାଜ୍ୟ ସରକାରଙ୍କ ପକ୍ଷରୁ ବୋନସ ଓ ବିଭିନ୍ନ ଭତା ବାବଦରେ ମଧ୍ୟ ୧୨୦ କୋଟି ଟଙ୍କା ମଂଜୁର କରାଯାଇଛି । ଏହାଦ୍ୱାରା ୮ ଲକ୍ଷ କେନ୍ଦୁପତ୍ର ତୋଳାଳୀ, ବନ୍ଧାଳୀ ଓ ଅନ୍ୟାନ୍ୟ କର୍ମଚାରୀ ଉପକୃତ ହେବେ । ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର କେନ୍ଦୁପତ୍ର ବ୍ୟବସାୟର ସମସ୍ତ ଲାଭକୁ କେନ୍ଦୁପତ୍ର ତୋଳାଳୀ, ବନ୍ଧାଳୀ ଓ ଅନ୍ୟାନ୍ୟ କର୍ମଚାରୀ ମାନଙ୍କ କଲ୍ୟାଣ ପାଇଁ ବିନିଯୋଗ କରୁଛନ୍ତି ।

## ଖୁବଶୀଘ୍ର ପିଲାଙ୍କ ପାଠ୍ୟରେ ସାମିଲ ହେବ ସନ୍ତରଣ ଭଳି ବିଷୟ

ଭୁବନେଶ୍ୱର:୧୯ା୪(ପି.ଏନ)ଖୁବ୍‌ଶୀଘ୍ର ସ୍କୁଲ ପାଠ୍ୟକ୍ରମରେ ସାମିଲ ହେବ ସନ୍ତରଣ ଭଳି ବିଷୟ । ଏଥିପାଇଁ ରାଜ୍ୟ ସରକାରଙ୍କ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ବିଭାଗ ସହାୟତାରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ନୂଆ ପାଠ୍ୟକ୍ରମ ପ୍ରସ୍ତୁତ କରୁଛି । ସାପ କାମୁଡା ପରେ ରାଜ୍ୟରେ ପାଣିରେ ବୁଡି ଦ୍ୱିତୀୟ ସର୍ବାଧିକ ଲୋକଙ୍କର ମୃତ୍ୟୁ ହେଉଥିବା ବେଳେ ଏଭଳି ପ୍ରାକୃତିକ ବିପର୍ଯ୍ୟୟକୁ ଏଡାଇବା ପାଇଁ ରାଜ୍ୟ ସରକାରଙ୍କ ନୂଆ ପ୍ରୟାସ ପିଲାମାନଙ୍କ ପାଇଁ ସହାୟକ ହେବ ।ନୂଆକରି କରାଯାଉଥିବା ପାଠ୍ୟକ୍ରମରେ ପିଲାମାନଙ୍କୁ ସ୍କୁଲ ସମୟରୁ ପହଁରା ଶିଖାଯିବ । ଏହାଛଡା ପ୍ରାକୃତିକ ବିପର୍ଯ୍ୟୟ ବେଳେ କେଉଁ ଭଳି ଉପାୟରେ ନିଜକୁ ଓ ନିଜ ପାଖାପାଖି ଲୋକଙ୍କୁ ଉଦ୍ଧାର କରିବେ ସେ ବାବଦରେ ସ୍ୱତନ୍ତ୍ର ତାଲିମ ଦିଆଯିବ । ରାଜ୍ୟ ସରକାରଙ୍କ ଅଗ୍ନିଶମ ବିଭାଗର ବରିଷ୍ଠ ଅଧିକାରୀ, କ୍ରୀଡା ଶିକ୍ଷକମାନେ ପିଲାମାନଙ୍କୁ ଏହି ପ୍ରଶିକ୍ଷଣ ଦେବେ । ଏହାଛଡା ଯଦି କେହି ପାଣିରେ ବୁଡିଯାଏ ତେବେ ସେ ସମୟରେ କିଭଳି ପ୍ରାଥମିକ ଉପଚାର କରାଯିବ ସେ ବାବଦରେ ମଧ ପିଲାମାନଙ୍କୁ ପରୀକ୍ଷା ଦିଆଯିବ ।








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଲକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।



## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ



ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍ରେ ରହୁଥିବା ଜଣେ ଦମ୍ପତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ଓ୍ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା। ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ। ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ। ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ। ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି।

## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଢନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି। ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ। ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ। ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା। ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ। ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା।

# ଆଜିର ଭାଗ୍ୟ



ମେଷ

ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।



ବୃଷ

ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।



ମିଥୁନ

ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।



କର୍କଟ

ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।



ସିଂହ

ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।



କନ୍ୟା

ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।



ତୁଳା

ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।



ବିଛା

ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।



ଧନୁ

ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।



ମକର

କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।



କୁମ୍ଭ

ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।



ମୀନ

ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# ଚୈତ୍ରମାସ : ହିଙ୍ଗୁଳା ଯାତ୍ରା





ଚୈତ୍ର ମାସ ମଙ୍ଗଳବାରରେ ମା' ମଙ୍ଗଳା ଏବଂ ହିଙ୍ଗୁଳାଙ୍କୁ ପଣାଦେଇ ପୂଜାର୍ଚ୍ଚନା କରାଯାଏ। ମା' ମଙ୍ଗଳା ବସନ୍ତ ଏବଂ ହଇଜା ରୋଗରୁ ରକ୍ଷାକାରୀ ବୋଲି ଧାର୍ମିକ ବିଶ୍ୱାସ। ସେହିପରି ହିଙ୍ଗୁଳା ଅଛନ୍ତି ଗୃହବିବାଦ ଦୂରୀକରଣର ଦେବୀ। ସେ ମଧ୍ୟ ସୁଖ ଓ ଶାନ୍ତି ପ୍ରଦାୟିନୀ ଦେବୀ। ଦଶ ମହାବିଦ୍ୟାର ଆଦ୍ୟାଶକ୍ତି ମହାକାଳୀ। ହିଙ୍ଗୁଳା ହେଉଛନ୍ତି ମହାକାଳୀଙ୍କର ଭିନ୍ନ ରୂପ। ସେ ଅଗ୍ନିସମ୍ଭୂତା, ସେହି ଧୂମାବତୀ ଏବଂ ଦଶ ମହାବିଦ୍ୟାର ଦେବୀଗଣ। ସେ ହିଁ ଅଗ୍ନି ଭିତରେ ନିଜକୁ ଲୁଚାଇ ରଖି ମାୟାମୃଗ ସାଜି ରାବଣ ହସ୍ତରେ ହରଣ ହୋଇଥିବା ମାୟା ସୀତା, ସେ ପୁଣି ଅଯୋଧ୍ୟାକୁ ଫେରି ଅଗ୍ନିପରୀକ୍ଷା ଦେଇଥିବା ସୀତା। ଅର୍ଥାତ୍ ସେ ଅଗ୍ନିରୂପା। ତାଙ୍କୁ ଏପରି କହିବାର ଅର୍ଥ ଏହି ଯେ ଅଗ୍ନିର ଦାହିକା ଶକ୍ତି ସହ ଏକାକାର ହୋଇଯିବାର ମହାଭାବ। ସେ ଆଦ୍ୟାଶକ୍ତି ସଦା ବର୍ତ୍ତମାନ- ଦକ୍ଷଙ୍କ ପାଇଁ, ଆତ୍ମାରୁ ପରମାତ୍ମା ଏବଂ ସର୍ବୋପରି ସେ ସବୁରି ଊର୍ଦ୍ଧ୍ୱରେ। ପୁରାଣ ମତେ ସ୍ୱାମୀ ଶିବଙ୍କୁ ଦକ୍ଷଯଜ୍ଞକୁ ନିମନ୍ତ୍ରଣ ନଥିଲା। ତଥାପି ସତୀ ଗଲେ। ସେଠି ଶିବଙ୍କ ପ୍ରତି ପିତାଙ୍କ ଅନ୍ୟାୟ ଆଚରଣ ଓ ଅପମାନ ସହିନପାରି, ସେ ଯଜ୍ଞକୁଣ୍ଡରେ ଆତ୍ମାହୂତି ଦେଲେ। ଏହା ଜାଣିପାରି ଶିବ କ୍ରୋଧାନ୍ୱିତ ହୋଇ ସେଠାକୁ ଯାଇ ଧ୍ୱଂସର ତାଣ୍ଡବ ଲୀଳା ଆରମ୍ଭ କରିଦେଲେ ଏବଂ ସତୀଙ୍କ ଶବ ଧରି ଉନ୍ମତ୍ତଃ ବୁଲିବାକୁ ଆରମ୍ଭ କରିଦେଲେ। ଏହା ଦେଖି ବାସୁଦେବ ସୁଦର୍ଶନ ଚକ୍ର ପେଶି ସତୀଙ୍କ ଶରୀରକୁ ଛେଦିଦେଲେ। ଏହିପରି ଏହା ୫୧ଟି ଖଣ୍ଡ ଓ ୨୬ ଉପଖଣ୍ଡ ହୋଇ ବିଭିନ୍ନ ସ୍ଥାନରେ ପଡ଼ିଲା। ଏହି ସ୍ଥାନଗୁଡିକ କ୍ରମଶଃ ପାଲଟିଗଲେ ଶକ୍ତିପୀଠ। ବିଶ୍ୱାସ କରାଯାଏ ଯେ ମା'ଙ୍କର ମସ୍ତକ ପଡ଼ିଥିଲା ପାକିସ୍ତାନର ବେଲୁଚିସ୍ତାନରେ ଥିବା ହିଙ୍ଗୁଳା ବା ହିଙ୍ଗଳାଜ୍‌ରେ। ଏଠାରେ ମା' ହିଙ୍ଗୁଳା ରୂପେ ପୂଜା ପାଆନ୍ତି। ଏହା ହିଁ ପ୍ରଥମ ଶକ୍ତିପୀଠ। ତାଙ୍କର ଦକ୍ଷିଣ ପାଦର ଚାରି ଆଙ୍ଗୁଳି କଲିକତାର କାଳିଘାଟରେ ପଡ଼ିଥିଲା। ଯେଉଁଠି ସେ କାଳୀ ରୂପେ ପୂଜା ପାଆନ୍ତି। କଣ୍ଠ ପଡ଼ିଥିଲା ଅମରକଣ୍ଟକରେ; ଯୋନି ପଡ଼ିଥିଲା ଆସାମର କାମାକ୍ଷାରେ ଏବଂ କିଛି ଚର୍ମାଂଶ ପଡ଼ିଥିଲା କଟକରେ। ପ୍ରଥମ ଶକ୍ତିପୀଠ ପାକିସ୍ତାନର ବେଲୁଚିସ୍ତାନରେ ଅବସ୍ଥିତ। ଏହା ହିଙ୍ଗୁଳା ମନ୍ଦିର ରୂପେ ଖ୍ୟାତ। ଏହା ମକ୍ରାନ୍ ବା ମରକାନ୍ ପର୍ବତ ଉପରେ ଅବସ୍ଥିତ। ଏଠାରୁ ଲକ୍ଷ ଲକ୍ଷ ହିନ୍ଦୁ ଓ ମୁସଲ୍‌ମାନ ଭକ୍ତମାନେ ଆସନ୍ତି। ସେ ଉଭୟ ଧର୍ମର ଦେବୀ। ପାହାଡ଼ ଉପରେ ଏକ ଲମ୍ବା ପର୍ବତ ଗୁମ୍ଫାରେ ଦେବୀ ଅବସ୍ଥାନ କରନ୍ତି। ଏକ ମୁହାଁ ରାସ୍ତା, ନଇଁ ନଇଁ ଯିବାକୁ ହୁଏ। ଦେବୀ ସିନ୍ଦୁରରେ ନାଲି ପାଟବସ୍ତ୍ର ଯୁକ୍ତ ଏବଂ ରକ୍ତବର୍ଣ୍ଣ ଅର୍ଥାତ୍ ହେଙ୍ଗୁବର୍ଣ୍ଣା। ଏଣୁ ହିଙ୍ଗୁଳା ଏଠାରେ ଶକ୍ତି ହିଙ୍ଗୁଳା ଏବଂ ଭୈରବ ହେଉଛନ୍ତି ଭୀମଲୋଚନ। ପାକିସ୍ତାନରେ ହିଙ୍ଗୁଳାଦେବୀଙ୍କୁ 'ନାନୀ' ଏବଂ ଏ ତୀର୍ଥସ୍ଥାନକୁ 'ନାନୀକି ହଜ୍' ବୋଲି କୁହାଯାଏ। ଏଠାର ତୀର୍ଥଯାତ୍ରାକୁ 'ହଜ୍' କୁହାଯାଏ। ଏଠାକାର ପୁରୋହିତଙ୍କୁ 'ଛଡ଼ିଦାର' କୁହନ୍ତି। ଏଠି ଦେବୀଙ୍କୁ ଲାଲକପଡ଼ା, ଅଗରବତୀ, ଅତର ଓ ଶିରିଣି ସମର୍ପଣ କରାଯାଏ। ଏ ମନ୍ଦିର ପ୍ରତି ହିନ୍ଦୁ ଓ ମୁସଲମାନମାନେ ସମାନ ଗୁରୁତ୍ୱ ଦିଅନ୍ତି ଏବଂ ରକ୍ଷଣାବେକ୍ଷଣ ପାଇଁ ଉଭୟ ସରକାରୀ ଓ ବେସରକାରୀ ସଂସ୍ଥାମାନେ ତତ୍ପର ଥାଆନ୍ତି। ଏଥିପାଇଁ ହିନ୍ଦୁ ମାନସିକତା ଉପରେ କୌଣସି ପ୍ରତିକୂଳ ଚାପ ପକାଯାଏନି।

କରାଚିରୁ ଏହି ମନ୍ଦିରର ଦୂରତ୍ୱ ୧୬୦ ମାଇଲ୍। କ୍ୱେଟା ଯାଏଁ ରାଜପଥ, ତେଣିକି ସଂକୀର୍ଣ୍ଣ ଓ ଦୁର୍ଗମ। ତଥାପି ଭକ୍ତଙ୍କ ଭିଡ଼। ଏ ଯାଗାକୁ ନେଇ ଏକ କାହାଣୀ ଅଛି । ତ୍ରେତୟାଯୁଗରେ 'ଦିଚାତାର' ନାମରେ ଜଣେ ସୂର୍ଯ୍ୟବଂଶୀ ରାଜା ଥିଲେ । ତାଙ୍କର ପଡ଼ୋଶୀ ରାଜ୍ୟ ଥିଲା ଚୀନ୍। ରାଜାଙ୍କର ଦୁଇପୁତ୍ର ଥିଲେ- ହିଙ୍ଗୋଳ ଓ ସୁନ୍ଦର। ଏହି ସମୟରେ ଚୀନ୍‌ରେ ଜଣେ ଚନ୍ଦ୍ରବଂଶୀ ରାଜା ଥିଲେ। ସେମାନେ ଥିଲେ ଶିବଭକ୍ତ। ରାଜକୁମାର ସୁନ୍ଦର ଚୀନ୍‌କୁ ଆକ୍ରମଣ କରି ହତ୍ୟା ଓ ଲୁଣ୍ଠନ କଲେ। ଏଥିରେ ଉତ୍ତ୍ୟକ୍ତ ଏବଂ ଅସନ୍ତୁଷ୍ଟ ପ୍ରଜାମାନେ ଶିବଙ୍କୁ ଗୁହାରି କଲେ ଏବଂ ଶିବ ଗଣେଶଙ୍କୁ ପଠାଇ ସୁନ୍ଦରଙ୍କୁ ହତ୍ୟା କଲେ। ଏଥିରୁ ହିଙ୍ଗୋଳ କ୍ରୋଧାନ୍ୱିତ ହୋଇ ତପସ୍ୟା କଲେ ଏବଂ ତପସ୍ୟାରେ ବର ପାଇଲେ ଯେ ତାଙ୍କର ଯେଉଁଠି ମୃତ୍ୟୁ ହେବ, ସେଠି ସୂର୍ଯ୍ୟକିରଣ ପଡୁନଥିବ। ପରେ ସେ ଯୁଦ୍ଧ କରି ବହୁ ରାଜ୍ୟ ଜୟ କରି ଘୋର ପାପ ବି କଲେ। ଦେବୀ ତାଙ୍କୁ ତ୍ରିଶୂଳ ସାହାଯ୍ୟରେ ସୂର୍ଯ୍ୟ କିରଣ ପଡୁନଥିବା ତାଙ୍କ ଗୁମ୍ଫା ଭିତରେ ହତ୍ୟା କଲେ। ଅଥଚ ହିଙ୍ଗୋଳର ଅନୁରୋଧ କ୍ରମେ ସେ ସ୍ଥାନଟିର ନାମ ରଖିଥିଲେ- ହିଙ୍ଗଳ। ଏହି ହିଙ୍ଗଳ ହିଁ ଶକ୍ତିରେ ହିଙ୍ଗଳାଜ୍ ତୀର୍ଥ। ଓଡ଼ିଶାରେ ୫୧ଟି ଶକ୍ତିପୀଠ ମଧ୍ୟରୁ ଅନୁଗୋଳ ଜିଲ୍ଲାର ଗୋପାଳ ପ୍ରସାଦ ଗ୍ରାମରେ ଏବଂ ଯାଜପୁର ଜିଲ୍ଲାର 'ଶଙ୍ଖଚିଲ୍ଲା' ଗ୍ରାମରେ ମା' ହିଙ୍ଗୁଳାଙ୍କ ମନ୍ଦିର ଅଛି। ଏହି ଦୁଇ ସ୍ଥାନରେ ମା' ଅଗ୍ନିରୂପା । ତାଳଚେରର ହିଙ୍ଗୁଳା ଦେବୀଙ୍କ ସହ ଜଗନ୍ନାଥ ମନ୍ଦିରରେ ମହାପ୍ରସାଦ ରନ୍ଧନର ସଂପର୍କ ଅଛି। ଏଇଠୁ ମା' ଅଗ୍ନିରୂପା ଶ୍ରୀମନ୍ଦିର ଯିବା ପରେ ପ୍ରଥମ ଅଗ୍ନି ସଂଯୋଗରେ ପ୍ରଥମ ମହାପ୍ରସାଦ ପ୍ରସ୍ତୁତ ହୋଇଥିଲା। ଶୁଣାଯାଏ ଶଙ୍ଖଚିଲ୍ଲାରେ ମା'ଙ୍କର ଆବିର୍ଭାବ କାହାଣୀ ପଛରେ ଏକ ରହସ୍ୟମୟ କିମ୍ବଦନ୍ତୀ ଅଛି। ଏଠି କୁଆଡ଼େ ଦିନେ ଅଗ୍ନିରେ ବାରମ୍ବାର ନିଆଁ ଲାଗିଲା। ଲୋକେ ଅତିଷ୍ଠ ହୋଇପଡ଼ିଲେ। ଶେଷରେ ମା' ସ୍ୱପ୍ନାଦେଶ ଦେଲେ ଯେ ତାଙ୍କର ପୂଜା ହେଉ। ତାହା ହିଁ ହେଲା। ସେ ପ୍ରଥମେ ଏକ ବରଗଛରେ ଅବସ୍ଥାନ କଲେ। ପରେ ଗ୍ରାମବାସୀମାନେ ତାଙ୍କ ପାଇଁ ଏକ ମନ୍ଦିର କଲେ। ଏଠି ମଧ୍ୟ ପାଖରେ ଭୈରବୀ ପୂଜା ପାଆନ୍ତି। ଭୈରବୀ ଯେଉଁଠି ଭୈରବ ସେଇଠି। ଖାଲି ଓଡ଼ିଶା କି ଭାରତ ମଧ୍ୟ ନୁହେଁ, ମା' ମହାକାଳୀ ଆଦ୍ୟାଶକ୍ତି ହିଙ୍ଗୁଳା ପୃଥିବୀର ଅନ୍ୟ ଦେଶରେ ମଧ୍ୟ ପୂଜା ପାଆନ୍ତି। ସେମାନେ ଦଶମହାବିଦ୍ୟା ମଧ୍ୟରୁ ଜଣେ ଅଥବା ଅଷ୍ଟଚଣ୍ଡୀମାନଙ୍କ ମଧ୍ୟରୁ ଜଣେ ହିସାବରେ ପୂଜା ପାଆନ୍ତି। ଅଷ୍ଟଚଣ୍ଡୀ- ଉଗ୍ରଚଣ୍ଡୀ, ଭଦ୍ରକାଳୀ, ଉମା, ଉଗ୍ରତାରା, ଧୂମାବତୀ, କାଳୀ, ଶିବହତ୍ରୀ ବା ଚଣ୍ଡିକା ଆକାରରେ ପୂଜା ପାଆନ୍ତି। ଚୈତ୍ର ମଙ୍ଗଳବାରରେ ସେ ମଙ୍ଗଳାଙ୍କ ପରି ପୂଜା ପାଆନ୍ତି। ତେବେ ଚୈତ୍ରମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀରେ ମା'ଙ୍କର ଶାରଦୀୟ ପୂଜା ଅନୁଷ୍ଠିତ ହୋଇଥାଏ। ମା' ହିନ୍ଦୁଳା ସେଦିନ ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସମସ୍ତଙ୍କୁ ଦର୍ଶନ ଦିଅନ୍ତି । ତାଙ୍କ ପାଇଁ ସମସ୍ତେ ସମାନ। ସେ ଅଗ୍ନିରୂପରେ ସମସ୍ତଙ୍କୁ ଦର୍ଶନ ଦିଅନ୍ତି ଏବଂ ଏ ଦର୍ଶନ ଓ ପୂଜା ୨୧ ଦିନ ଧରି ଚାଲେ। ପୂର୍ବେ ଦେବୀଙ୍କ ପାଖେ ବଳିପ୍ରଥା ଥିଲା। ଏବେ ତାହା ଲୋପ ପାଇଛି। ବଳି ପରିବର୍ତ୍ତେ ଦେବୀଙ୍କୁ ବିଭିନ୍ନ ପତ୍ର, ଫୁଲ, ଫଳ, ଦୁଧ, ମହୁ, ଉଖୁଡ଼ା ଇତ୍ୟାଦି ଭୋଗ କରାଯାଏ । ପୂଜାର ନବମ ଦିନ ଶିତୁଳା ବା ଶୀତଳା ଯାତ୍ରା ପାଳନ ହୁଏ। ଏହି ଦିନରେ ଏକ ଚାନ୍ଦୁଆ ଲାଗିହୁଏ। ତଳେ ନିଆଁ। କିନ୍ତୁ ଏ ନିଆଁ ଚାନ୍ଦୁଆକୁ ସ୍ପର୍ଶ କରେ ନାହିଁ। ଯଦି କରେ ତେବେ କୌଣସି କୋଣ ଏହାର ପୋଡ଼ିଯାଏ। ତେବେ ବିଶ୍ୱାସ କରାଯାଏ ସେ ବର୍ଷ ସେ ଦିଗରେ ଭଲ ଫସଲ ହୁଏ।

ହିଙ୍ଗୁଳାଙ୍କୁ ନେଇ ଯାତ୍ରା-ଏହାକୁ ହିଙ୍ଗୁଳା ଯାତ୍ରା ବା ପାଟଣା ଯାତ୍ରା କୁହାଯାଏ। ଏହା ମହାବିଷୁବ ସଂକ୍ରାନ୍ତି ସହ ଜଡ଼ିତ। ବିଶ୍ୱାସ ପାପୀମାନଙ୍କୁ ବିନାଶ, ପାଇଁ ମା' ହିଙ୍ଗୁଳା ଏ ପୃଥିବୀକୁ ଅଗ୍ନିରୂପା ଏବଂ ଅଗ୍ନିସମ୍ଭୁତା ଅବତୀର୍ଣ୍ଣ ହୋଇଥାନ୍ତି। ହିଙ୍ଗୁଳାଙ୍କୁ ନେଇ ପ୍ରତି ଘରେ ହିଙ୍ଗୁଳା ପଣାର ପ୍ରଚଳନ ଅଛି। ହିଙ୍ଗୁଳାଙ୍କୁ ନେଇ ଦଣ୍ଡଯାତ୍ରା। ଏ ଭକ୍ତମାନେ ହିଁ ପାଟୁଆ। ଦିନସାରା ଏମାନେ ଗାଁ ଗାଁ ବୁଲି ସାରି ନଦୀ ବା ପୋଖରୀରେ ଗାଧୁଆ ସାରନ୍ତି । ରାତିକୁ ଦଣ୍ଡନାଚ। ସେମିତିରେ ଠାକୁରାଣୀଙ୍କ ଉପରେ ବିଶ୍ୱାସ ରଖି ବାଦ୍ୟଧ୍ୱନି ମଧ୍ୟରେ ନିଆଁରେ ଓ କଣ୍ଟାରେ ଚାଲନ୍ତି ଅଥବା ଖଣ୍ଡାଧାରରେ ଛିଡ଼ା ହୁଅନ୍ତି। ସେମାନଙ୍କ କାର୍ଯ୍ୟାନୁସାରେ ବିଭିନ୍ନ ପାଟୁଆରେ ବିଭକ୍ତ ହୋଇଥାନ୍ତି। ଯଥା- ନିଆଁ ପାଟୁଆ, କଣ୍ଟା ପାଟୁଆ ବା ଖଣ୍ଡା ପାଟୁଆ କୁହାଯାଏ। ଏ ପ୍ରକାର ପର୍ବ ମୟୂରଭଞ୍ଜ ଓ କେନ୍ଦୁଝରରେ ଉଡ଼ା ପରବ ଆକାରରେ ପାଳନ କରାଯାଏ। ଏହିଦିନ ବନ୍ଧନଯୁକ୍ତ ପକ୍ଷୀମାନଙ୍କୁ ସେମାନେ ମୁକ୍ତ କରିଥାନ୍ତି । ଅର୍ଥାତ ପକ୍ଷୀମାନଙ୍କୁ ଉଡ଼ାଇ ଥାନ୍ତି। ହିନ୍ଦୁଳା ଅଗ୍ନିରୂପା ବା ଅରୂପା। ଏଣୁ ଯଥାର୍ଥରେ ରାଧାନାଥ ମହାଯାତ୍ରାରେ କହିଛନ୍ତି-

"ଚିତ୍ରାପିତ ପ୍ରତିମା ଯେସନେ/ସିଙ୍ଗଡ଼ ତଟନୀ ଧୌତ ଅଙ୍ଗାର ପ୍ରାନ୍ତରେ/ପବିତ୍ର ହିଙ୍ଗୁଳା ପୀଠେ ଜଳିଉଠେ/ ଆଚମ୍ବିତ ବିଶ୍ୱଶିଖା ନିଦାଘ ନିଶୀଥେ ।" ଆସନ୍ତୁ ସେ ହିଙ୍ଗୁଳାଙ୍କର ଶରଣ ପଶିବା।





**ବିପିନବିହାରୀ ମହାନ୍ତି,** ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିକାଶନଗର, ଜଟଣୀ, ଖୋର୍ଦ୍ଧା, ଫୋନ୍-୯୯୩୮୩୪୧୩୮

# ଲିଭର ସିରୋସିସ୍

ମଣିଷର ଯକୃତ ଜନିତ ମାରାତ୍ମକ ରୋଗ ଭାବେ ଲିଭର୍ ସିରୋସିସ୍ ପରିଚିତ। ଏହା ହେଉଛି ପ୍ରାଥମିକ ସ୍ତରରେ ରୋଗୀକୁ ଯନ୍ତ୍ରଣା ଲାଗୁନଥିବା ରୋଗଟି କିନ୍ତୁ ଯାହାକି ପରବର୍ତ୍ତୀ ସମୟରେ ଜୀବନ ପାଇଁ ଘାତକ ହୋଇଥାଏ। ସବୁଠାରୁ ଉଦ୍‌ବେଗ ଜନକ ପ୍ରସଙ୍ଗ ହେଉଛି



ଏହି ରୋଗରେ ରୋଗୀଟିର ଯକୃତ ଅନ୍ୟୁନ ୯୦ ପ୍ରତିଶତ କ୍ଷତି ହୋଇନଥିବା ପର୍ଯ୍ୟନ୍ତ ରୋଗୀଟି କୌଣସି ଯନ୍ତ୍ରଣା ଅନୁଭବ କରିପାରି ନଥାଏ। ତେଣୁ ବାହାରରୁ ଏହି ରୋଗ ବିଷୟରେ ଜାଣିବା ବା ବୁଝିବା ଏତେ ସହଜ ନୁହେଁ। ଏହି ରୋଗର ପ୍ରାଥମିକ ଲକ୍ଷଣ ହେଉଛି ରୋଗୀଟିର ପାଚନ ଶକ୍ତି କମିଯିବା ଦ୍ୱାରା ଭୋକ କମ ଲାଗିବା, ଦୁର୍ବଳ ଲାଗିବା, ଶରୀର କୁଣ୍ଡେଇ ହେବା ସହ ବିଭିନ୍ନ ପ୍ରକାର ଅସ୍ୱସ୍ତିକର ଯନ୍ତ୍ରଣା ଅନୁଭବ ହେବା। କିଛି କ୍ଷେତ୍ରରେ ରୋଗୀଟିର ଯକୃତ ସାମୂହିକ ଭାବେ କିଛି ସମସ୍ୟା ଦେଖାଦେଇଥାଏ। ସେହିପରି ଆଉ କିଛି ରୋଗୀଙ୍କ ମଧ୍ୟରେ ଶ୍ୱାସପ୍ରଶ୍ୱାସ ନେବା ମଧ୍ୟରେ ଯନ୍ତ୍ରଣା ମଧ ଦେଖିବାକୁ ମିଳିଥାଏ। ଏଣ୍ଡୋସ୍କୋପି ଓ ଅଲଟ୍ରା- ସୋନୋଗ୍ରାଫି ମାଧ୍ୟମରେ ସିରୋସିସ୍ କେତେଦୂର ଶରୀର ଭିତରକୁ ଯାଇଛି ବା ତାର କାୟା ବିସ୍ତାର କରିଛି ଏହି ପରୀକ୍ଷାରୁ ଜଣାପଡ଼ିଥାଏ। ତେବେ ସିରୋସିସ୍‌ର ମୁଖ୍ୟ କାରଣ ହେଉଛି ହେପାଟାଇଟିସ୍ ବି ଓ ସି ଭାଇରସ୍ ଇନ୍‌ଫେକ୍ସନ, ନିଶାଦ୍ରବ୍ୟ ସେବନ, ମଦ୍ୟପାନ, ଧୂମପାନ ଓ ଇମ୍ୟୁନ୍ ହେପାଟାଇଟିସ୍। ଏହା ବ୍ୟତୀତ କେତେକ କ୍ଷେତ୍ରରେ ଯକୃତରେ ଜମି ଯାଇଥିବା ଚର୍ବି କାରଣରୁ ମଧ ସିରୋସିସ୍ ହୋଇପାରେ।

ନିଶାଦ୍ରବ୍ୟ ସେବନ, ମାଦକ ସେବନ ସହିତ ସଂପ୍ରତି ଜଳବାୟୁର ଅସ୍ୱାସ୍ଥ୍ୟକର ପରିବେଶ ସହ ବଜାରର ତଥାକଥିତ ଫାଷ୍ଟଫୁଡ଼, ବାସି ଖାଦ୍ୟ, ଅଣ୍ଡାଖାଦ୍ୟ ଓ ଆବଶ୍ୟକୀୟ ଖାଦ୍ୟ ଠାରୁ ପ୍ରଚୁର ଓ ଅନିୟମିତ ଖାଦ୍ୟ ମଧ ଏହାର ଅନ୍ୟତମ କାରଣ ଭାବେ ଜଣାଶୁଣା। ଏହି ରୋଗୀମାନଙ୍କୁ ସର୍ବପ୍ରଥମେ ସେମାନଙ୍କ ଶରୀରକୁ ଆବଶ୍ୟକୀୟ ଖାଦ୍ୟସାର, ପୁଷ୍ଟିକର ଶକ୍ତିପାଇଁ ଦୃଷ୍ଟିଦେବାକୁ ହେବ। କାରଣ ଏହି ରୋଗୀମାନଙ୍କୁ ସାଧାରଣତଃ ଭୋକ କମିଯାଉଥିବାରୁ ସେମାନଙ୍କର ପାଚନ ଶକ୍ତି ପ୍ରଭାବିତ ହୋଇ ଯକୃତକୁ ସଂକ୍ରମଣ କରିବାର ସୁଯୋଗ ପାଇଥାଏ। ଏହି ରୋଗରେ ସ୍ୱାଭାବିକ ଭାବେ ଖାଇବାକୁ ଦିଆଯାଏନାହିଁ ଯାହାକି ବିଜ୍ଞାନ ସମ୍ମତ କାରଣ ନୁହେଁ ବୋଲି ବିଭିନ୍ନ ଜର୍ଣ୍ଣାଲରେ ତଥ୍ୟ ପ୍ରକାଶ ପାଇଛି। ସିରୋସିସ୍ ଯନ୍ତ୍ରଣା ଅନୁଭବ କରୁଥିବା ରୋଗୀମାନଙ୍କୁ ପ୍ରଚୁର ପରିମାଣର ପୁଷ୍ଟିକର ଖାଦ୍ୟ ଦେବା ଜରୁରୀ। କମ୍ ଲୁଣ, ରାଗ ମସଲା, ପ୍ରଚୁର ମିଠାଠାରୁ ରୋଗୀମାନଙ୍କୁ ଯଥାସମ୍ଭବ ଦୂରେଇ ରଖିବା ଜରୁରୀ। ରୋଗୀଟିର ନିତିଦିନିଆ ଖାଦ୍ୟ ତାଲିକାରେ ତଟକା ପନିପରିବା, ପଇଡ଼ ପାଣି, ଫଳ, ଶାଗକୁ ଗୁରୁତ୍ୱ ଦିଅନ୍ତୁ। ସବୁଜ ପନିପରିବା ଓ ତଟକା ଫଳରେ ଭିଟାମିନ୍, ଆଣ୍ଟିଅକ୍ସିଡାଣ୍ଟ, ଜିଙ୍କ୍ ପ୍ରଚୁର ପରିମାଣରେ ରହିଥିବାରୁ ଏହା ଯକୃତର ସେଲ୍‌ର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥାଏ। ଯାହାଦ୍ୱାରା ରୋଗୀ ସ୍ୱଭାବିକ ଭାବେ କାମ କରିବାକୁ ଶକ୍ତି ପାଇଥାଏ। ଏହି ରୋଗୀମାନଙ୍କୁ ଭାରୀ କାମ ଠାରୁ ଯଥା ସମ୍ଭବ ଦୂରେଇ ରଖିବା ଭଲ। ରୋଗୀଟିକୁ ସମସ୍ତ ପ୍ରକାର ମାନସିକ ଚାପରୁ ଦୂରେଇ ରଖନ୍ତୁ। ରୋଗୀର ପାକସ୍ଥଳୀରେ ପ୍ରଚୁର ପରିମାଣର ପାଣି ଜମି ନ ରହିବା ପାଇଁ ହେପାଟାଲୋଜି ବିଶେଷଜ୍ଞଙ୍କ ପରାମର୍ଶ ନେଇ ସତର୍କ ରୁହନ୍ତୁ। ରୋଗୀଟିର ଖାଦ୍ୟ ଓ ପାଣିରେ ଯେପରି ସଂକ୍ରମଣ ନରହେ ସେଥିପ୍ରତି ଗୁରୁତ୍ୱ ଦିଅନ୍ତୁ। କେତେକ କ୍ଷେତ୍ରରେ ରୋଗୀଟିର ପେଟ ନିୟମିତ ଭାବେ ପରିଷ୍କାର ରହିବା ପାଇଁ ଲ୍ୟାକଟୁଲୋଜ୍ ସିରପ୍ ଦିଆଯାଇଥାଏ। ଶରୀରରେ ରକ୍ତ ଜମାଟ ବାନ୍ଧିବାର ଉପାଦାନ ଭିଟାମିନ କେ ଯଦି ଯକୃତ ତିଆରି କରିପାରେ ନାହିଁ ତେବେ ରୋଗୀକୁ ଭିଟାମିନ୍ କେ ଇଞ୍ଜେକସ୍‌ନ ଦିଆଯାଇଥାଏ। ଯଦି ରୋଗୀର ଖାଦ୍ୟନଳୀ ଏବଂ ପାକସ୍ଥଳୀରେ ଭ୍ୟାରିକସ୍ ଫାଟି ରକ୍ତପାତ ହେଉଥାଏ ତେବେ ଭ୍ୟାରିକସ୍ ଇଞ୍ଜେକସନ୍ ଦିଆଯାଇଥାଏ। ଲିଭର ଯଦି ଆଦୌ କାମ କରୁନଥାଏ ତେବେ କିଡ଼୍‌ନୀ ଡାୟାଲିସିସ୍ ଭଳି ଲିଭର ଡାୟାଲିସିସ୍ କରାଯାଏ।

ତେବେ ଯକୃତ ଯନ୍ତ୍ରଣାର ସବୁ କାରଣ ଲିଭର ସିରୋସିସ ହୋଇ ନ ଥାଏ। ପ୍ରାଥମିକ ସ୍ତରରେ ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନେଇ ସିରୋସିସ୍‌ର ଲକ୍ଷଣକୁ ଦେଖି ଚିକିତ୍ସା ତ୍ୱରାନ୍ୱିତ ହେଲେ ରୋଗୀଟି ଉପଶମ ପାଇଥାଏ। ଆମ ଦେଶରେ ଲିଭର ସିରୋସିସ୍ ଚିକିତ୍ସାକୁ ବେଶ



ଖର୍ଚ୍ଚସାପେକ୍ଷ ବୋଲି କେହି କେହି କହୁଥାନ୍ତି। ଆଉ କେହି କେହି ଭାବିଥାନ୍ତି ଯେ ସିରୋସିସ୍ ମାନେ ମୃତ୍ୟୁ ନିଶ୍ଚିତ ଏହା କିନ୍ତୁ ଭାବିବା ଭୁଲ୍। ଲିଭର ପ୍ରତିରୋପଣ ହେଉଛି ସିରୋସିସ୍‌ର ଶେଷ ଓ ସଫଳ ଚିକିତ୍ସା। ସର୍ବପ୍ରଥମେ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଯକୃତ ବା କଲିଜାରେ ତନ୍ତୁ ଜମିଗଲେ ବା ପ୍ରଦାହ ବା କ୍ଷତ ପରେ ସଂଯୋଜକ ତନ୍ତୁରେ ମୋଟାଦାଗ ଜମିଗଲେ ଏହା ଯକୃତର କାର୍ଯ୍ୟକ୍ଷମତାକୁ କମାଇ ଦିଏ। ଅତ୍ୟଧିକ ମଦ୍ୟପାନ, ଚର୍ବି ଜାତୀୟ ଖାଦ୍ୟ, ହେପାଟାଇଟିସ୍ 'ବି', 'ସି' ଓ 'ଡି' ସଂକ୍ରମଣ, ମଧୁମେହ, ପିତ୍ତକୋଷ ରୋଗ କିମ୍ବା ଅତ୍ୟଧିକ ଲୌହକଣା ଜମିଗଲେ ଲିଭରରେ ସୂତ୍ରତନ୍ତୁମୟତା ସୃଷ୍ଟି ହୁଏ ଓ ଯକୃତ ସଂକୁଚିତ ହୋଇ ଉପରିଭାଗରେ ଛୋଟ ଛୋଟ ଫୁଲା ବା ଗ୍ରନ୍ଥିକା ସୃଷ୍ଟି ହୋଇ ସିରୋସିସ୍ ରୋଗରେ ରୂପାନ୍ତରିତ ହୁଏ। ଏହି ସୂତ୍ରତନ୍ତୁମୟତାକୁ ମାପିବା ପାଇଁ ଲିଭରରୁ ଜୀବନ୍ତତନ୍ତୁ ନେଇ ପରୀକ୍ଷା କରାଯାଏ। ଏକ ଛୁଞ୍ଚି ସାହାଯ୍ୟରେ ଯକୃତରୁ ଏକ ଛୋଟ ଅଂଶ କାଟିନେଇ ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ପରୀକ୍ଷା କରାଯାଏ। କିନ୍ତୁ ଏହା ଏକ କଷ୍ଟକର ପରୀକ୍ଷା ଓ ବେଳେବେଳେ ଆଭ୍ୟନ୍ତରୀଣ ରକ୍ତକ୍ଷରଣ ମାଧ୍ୟମରେ ରୋଗୀ ଅଧିକ କଷ୍ଟପାଏ। ତେଣୁ ଲିଭରକୁ କ୍ଷତି ନକରି ବା କୌଣସି ପ୍ରକାର ଛୁଞ୍ଚି ଦ୍ୱାରା ଜୀବନ୍ତ ତନ୍ତୁ ନ ନେଇ ଫାଇବ୍ରୋସ୍କାନ ମାଧ୍ୟମରେ ଏହି ସୂତ୍ରତନ୍ତୁମୟତାକୁ ମାପିହେବ। ଏହା ଏକ ଅତ୍ୟଧିକ ସୂକ୍ଷ୍ମମାନର ଯନ୍ତ୍ର। ଅଲଟ୍ରାସାଉଣ୍ଡର ଶଳାକା (ପ୍ରୋବ୍) ପରି ଏହାର ମଧ ଏକ ଶଳାକା ଥାଏ ଯାହାକି ଡାହାଣ ଛାତିର ନିମ୍ନଭାଗରେ ରଖି ବୋତାମ ଚିପିଲେ କଲିଜାର କଠିନତା ସମ୍ବନ୍ଧରେ ମାପିହୁଏ। କମ୍ପ୍ୟୁଟର ମାଧ୍ୟମରେ ଏହି ତଥ୍ୟକୁ ପର୍ଯ୍ୟବେକ୍ଷଣ କଲାପରେ ପରଦାରେ ଏହାର ମାନ ଲିଖିତ ଆକାରରେ ଦେଖାଯାଏ। ଦଶ ମିନିଟ ଭିତରେ ଏହି ପରୀକ୍ଷା ଶେଷ ହୁଏ। ଏଥିରେ କୌଣସି କଷ୍ଟ ହୁଏନାହିଁ ବା ରକ୍ତ ବାହାରେ ନାହିଁ। ଏହି ପରୀକ୍ଷା ପୂର୍ବରୁ ଖାଲି ପେଟ ରହିବା ଜରୁରୀ। ସର୍ବଦା ଠାକୁରଙ୍କ ନାମ ସ୍ମରଣରେ ନିୟୋଜିତ ରହି ସତ୍‌କର୍ମରେ ପ୍ରଚେଷ୍ଟିତ ରୁହନ୍ତୁ। ଭଲ ଜୀବନଟି ବିତାଇବା ପାଇଁ ଆଧ୍ୟାତ୍ମିକ ଦୈନନ୍ଦିନର ରୁଟିନ୍‌ଟି ତିଆରି କରି ଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ଚିକିତ୍ସାରେ ରହିଲେ ଦେଖିବେ ଲିଭର୍ ସିରୋସିସ୍ ଆପଣଙ୍କ ପାଇଁ ଯନ୍ତ୍ରଣାଦାୟକ ହେବନାହିଁ।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର,** ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ମାତୃଭାଷାର କୌଣସି ମୁକାବିଲା ନାହିଁ

ବାଲେଶ୍ୱର (ପିଏନ୍)-ଓଡିଶାର ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଗତକାଲି ବାଲେଶ୍ୱର ଗସ୍ତରେ ଆସି ବାହାନଗା ବ୍ଲକ ବିଷ୍ଣୁପୁର ସ୍ଥିତ ବିଷ୍ଣୁପୁର ଉଚ୍ଚ ବିଦ୍ୟାଳୟ ଏବଂ ସିମୁଳିଆ ବ୍ଲକ କ୍ଷୀରକୋଣା ସ୍ଥିତ ଉପେନ୍ଦ୍ରନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଛାତ୍ରଛାତ୍ରୀଙ୍କ ସମେତ ଉପସ୍ଥିତ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉଦବୋଧନ ଦେଇଛନ୍ତି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଅପରାହ୍ନ ଘ୩.୧୫ମି ସମୟରେ ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ବିଷ୍ଣୁପୁର ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ଆନୁଷ୍ଠାନିକ ଉଦଘାଟନ କରିଥିଲେ। ଉପସ୍ଥିତ ଜନସାଧାରଣଙ୍କୁ ଜଗନ୍ନାଥଙ୍କ ତତ୍ୱ ଓ ତଥ୍ୟ ସମ୍ବଳିତ ଦାର୍ଶନିକ କଥାବସ୍ତୁକୁ ଭାଷଣ ପ୍ରସଙ୍ଗରେ ସେ ପ୍ରକାଶ କରିଥିଲେ। ଜଣେ ଶିକ୍ଷକ ସବୁବେଳେ ଏକ ଛାତ୍ର ହୋଇଥିବା ବେଳେ ଉଭୟ ଛାତ୍ର ଓ ଅଭିଭାବକମାନଙ୍କ ମଧ୍ୟରେ ଗଭୀର ସମନ୍ୱୟ ରକ୍ଷା କରିବା ସହ ବୌଦ୍ଧିକ ଜ୍ଞାନର ବିକାଶ ଉପରେ ସେ ଗୁରୁତ୍ୱ ଦେଇଥିଲେ । ଯେକୌଣସି କାର୍ଯ୍ୟରେ ଗଭୀର ମନୋନିବେଶ କଲେ ଛାତ୍ରଛାତ୍ରୀମାନେ ଯାହା ଚାହିଁବେ ତାହା ହାସଲ କରିପାରିବେ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମାନ୍ୟବର ସୋର ବିଧାୟକ ଶ୍ରୀ ପର୍ଶୁରାମ ଧଡାଙ୍କ ସମେତ ବିଦ୍ୟାଳୟର ସମସ୍ତ ପୁରାତନ ଓ ବର୍ତ୍ତମାନ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ତାଙ୍କୁ ଉତ୍ସବସ୍ଥଳକୁ ପାଛୋଟି ନେଇଥିଲେ । ବିଦ୍ୟାଳୟ ସମ୍ମୁଖରେ ନବନିର୍ମିତ ସ୍ମାରକୀକୁ ମାନ୍ୟବର ରାଜ୍ୟପାଳଙ୍କ କରକମଳରେ ଅନାବରଣ କରାଯାଇଥିଲା। ଉତ୍ସବସ୍ଥଳରେ ପ୍ରାରମ୍ଭରେ ପୋଲିସ ବ୍ୟାଣ୍ଡଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ପରିବେଷଣ ପରେ ମୁଖ୍ୟ ଅତିଥିଙ୍କ ସମେତ ଅନ୍ୟ ଅତିଥିବୃନ୍ଦ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ଶୁଭ ଉଦଘାଟନ କରିଥିଲେ । ପୁରାତନ ଛାତ୍ର ସଂସଦର ସଭାପତି ଶ୍ରୀ ଭୂପାଳ ପଣ୍ଡା ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ହାଇସ୍କୁଲର ପ୍ରଧାନଶିକ୍ଷକ ଶ୍ରୀ ସପନ କୁମାର ଦେ ବିଦ୍ୟାଳୟର ବିବରଣୀ ପାଠ କରିଥିଲେ । ସୁବର୍ଣ୍ଣ ଜୟନ୍ତୀ ପାଳନ କମିଟିର ଉପଦେଷ୍ଟା ତଥା ମାନ୍ୟବର ସୋର ବିଧାୟକ ଶ୍ରୀ ପର୍ଶୁରାମ ଧଡା ବିଷ୍ଣୁପୁର ହାଇସ୍କୁଲର ପାରିପାର୍ଶ୍ୱିକ ଅବସ୍ଥା ଏବଂ ବିଷ୍ଣୁପୁର ମାଟିର ଗାରିମା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ଦେଶ ବିଦେଶରେ ସୁନାମ ଅର୍ଜନ କରିପାରିଥିବା ଶିକ୍ଷାବିତ୍ ତଥା ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ବିଷ୍ଣୁପୁର ଗାଁ ବିଦ୍ୟାଳୟ ଓ ଏହାର ସମସ୍ତ ପୁରୋଧାଙ୍କର ଭୂୟସୀ ପ୍ରଶଂସା କରିଥିଲେ । ଛାତ୍ରଛାତ୍ରୀମାନଙ୍କୁ ପରିଶ୍ରମ କରିବାକୁ ଏବଂ ଅଭିଭାବକମାନେ ନିଜ ପିଲାଙ୍କୁ ଭଲ ମଣିଷ କରିବା ପାଇଁ ସବୁବେଳେ ଉଦ୍ୟମ କରିବାକୁ ସେ ଆହ୍ୱାନ ଦେଇଥିଲେ । ଏହି ଉତ୍ସବରେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକମାନଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିବା ସହିତ ମାନପତ୍ର ପ୍ରଦାନ କରିଥିଲେ। ସେହିପରି ମୁଖ୍ୟ ଅତିଥି, ସମ୍ମାନିତ ଅତିଥି, ମୁଖ୍ୟ ଉପଦେଷ୍ଟାଙ୍କୁ ମଧ୍ୟ କମିଟି ତରଫରୁ ଉପଢୌକନ ପ୍ରଦାନ କରାଯାଇଥିଲା। ଏଥିସହିତ ବିଷ୍ଣୁପୁର ହାଇସ୍କୁଲର ସ୍ମରଣିକାକୁ ମଧ୍ୟ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। ମଂଚ ସଂଚାଳକ ଭାବେ ଇଂ ସୁରେଶ କୁମାର ବେହେରା ଦାୟିତ୍ୱ ତୁଲାଇଥିଲେ । ବିଷ୍ଣୁପୁର ହାଇସ୍କୁଲ କାର୍ଯ୍ୟକ୍ରମ ପରେ ପରେ ମାନ୍ୟବର ରାଜ୍ୟପାଳ ସିମୁଳିଆ ବ୍ଲକ କ୍ଷୀରକୋଣା ସ୍ଥିତ ଉପେନ୍ଦ୍ରନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହକୁ ଆନୁଷ୍ଠାନିକ ଉଦଘାଟନ କରିଥିଲେ । ଏଥିସହିତ ସୁବର୍ଣ୍ଣ ଜୟନ୍ତୀ ସ୍ମାରକୀର ମଧ୍ୟ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ପଂଚସଖା, ମା ରମାଦେବୀ, ବାଜିରାଉତ, ପଣ୍ଡିତ ଗୋପବନ୍ଧୁ, ବକ୍ସି ଜଗବନ୍ଧୁ ପ୍ରମୁଖଙ୍କ ତ୍ୟାଗ ଓ ସ୍ୱପ୍ନ ଉପରେ ଆଲୋକପାତ କରି ଯୁବ ସମାଜ ଚାହିଁଲେ ସମାଜରେ ପରିବର୍ତ୍ତନ ସମ୍ଭବ ବୋଲି କହିଥିଲେ । ଯୁବକ ହିଁ କେବଳ ସ୍ୱାଭାବିକକୁ ଅସ୍ୱାଭାବାବିକ ଓ ଅସ୍ୱାଭାବିକ୍‌କୁ ସ୍ୱାଭାବିକ୍ କରିପାରିବ । ମାତୃଭାଷାରେ ଶିକ୍ଷା ସମ୍ପର୍କରେ ସେ ଉଲ୍ଲେଖ କରି କହିଥିଲେ ଯେ ମାତୃଭାଷାର କୌଣସି ମୁକାବିଲା ନାହିଁ। ଦକ୍ଷିଣ କୋରିଆ ଭଳି ଦେଶର ଉଦାହରଣ ଦେଇ ମାତୃଭାଷା ମାଧ୍ୟମରେ ହିଁ ସେହି ଦେଶ ଶ୍ରେଷ୍ଠ ଅର୍ଥନୈତିକ ଓ ଗଣତାନ୍ତ୍ରିକ ଦେଶ ହୋଇପାରିଥିବା ସେ ପ୍ରକାଶ କରିଥିଲେ। ଉଦ୍ୟୋଗର ଶ୍ରମୀକରଣ ସହିତ ଶ୍ରମର ଜାତୀୟକରଣ ହେବା ଉଚିତ୍ ବୋଲି ମନ୍ତବ୍ୟ ରଖିବା ସହିତ ବିଶ୍ୱଶାନ୍ତି ପାଇଁ ଦେଶ ଓ ବିଦେଶରେ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କରିବାକୁ ସେ ଆହ୍ୱାନ ଦେଇଥିଲେ । ସୁବର୍ଣ୍ଣ ଜୟନ୍ତୀ କମିଟି ତଥା ପୁରାତନ ଛାତ୍ର ସଂସଦ ସଭାପତି ଶ୍ରୀ ପୂର୍ଣ୍ଣଚନ୍ଦ୍ର ଦାସ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ସୁବର୍ଣ୍ଣ ଜୟନ୍ତୀ କମିଟି ସମ୍ପାଦକ ଶ୍ରୀ କାହ୍ନୁଚରଣ ବେହେରା ନିଜ ବକ୍ତବ୍ୟ ରଖିଥିଲେ । ପ୍ରଧାନଶିକ୍ଷକ ଶ୍ରୀ କୈଳାସ ଚନ୍ଦ୍ର ମାଝୀ ବିବରଣୀ ପାଠ କରିଥିଲେ। ମାନ୍ୟବର ରାଜ୍ୟ ପର୍ଯ୍ୟଟନ ଏବଂ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଶ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏହି ଉତ୍ସବରେ ଯୋଗ ଦେଇ ଯେଉଁଠି ଶିକ୍ଷା ରହିଛି ସେଇଠି ସମାଜ ଦିଗଦର୍ଶନ ପାଇଥିବା ମତବ୍ୟକ୍ତ କରିଥିଲେ । ନିଜ ବକ୍ତବ୍ୟରେ ସତ୍ୟମେବ ଜୟତେ ଭଳି ଶିକ୍ଷାମେବ ଜୟତେ ହେଉ ଏବଂ ସମାଜର ପରିବର୍ତ୍ତନ ପାଇଁ ଶିକ୍ଷା ହିଁ ଗୋଟିଏ ବାଟ ବୋଲି ସେ କହିଥିଲେ। ଏହି ଅବସରରେ ପୂର୍ବତନ ଶିକ୍ଷକ ଶ୍ରୀ ଜଗବନ୍ଧୁ ବେହେରା ମାନ୍ୟବର ରାଜ୍ୟପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ । ସେହିପରି ମାନ୍ୟବର ରାଜ୍ୟପାଳ ପ୍ର'ସର ଗଣେଶୀ ଲାଲଙ୍କୁ ମାନ୍ୟବର ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ସମ୍ବର୍ଦ୍ଧିତ କରିବା ସହ ଉପଢୌକନ ପ୍ରଦାନ କରିଥିଲେ। ରାଜ୍ୟପାଳଙ୍କ ପଟ୍ଟଚିତ୍ର ଆଙ୍କିଥିବା ଦୁଇ ପୁରାତନ ଛାତ୍ରଛାତ୍ରୀ ତାହା ମାନ୍ୟବର ରାଜ୍ୟପାଳଙ୍କୁ ପ୍ରଦାନ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ସ୍ମରଣିକା 'ସୁବର୍ଣ୍ଣଶ୍ରୀ'କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଉନ୍ମୋଚନ କରିଥିଲେ। ଶ୍ରୀ ଜ୍ଞାନାନନ୍ଦ ସାଗର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭବେଶ କୁମାର ନାୟକ, ଶ୍ରୀ ନୀଲୁ ମହାପାତ୍ର, ପିଡି-ଡିଆରଡିଏ ଶ୍ରୀ ରବୀନ୍ଦ୍ର କୁମାର ସାହୁ, ଆରକ୍ଷୀ ଅଧୀକ୍ଷକ ଶ୍ରୀ ସୁଧାଂଶୁ ଶେଖର ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ବରିଷ୍ଠ ପଦାଧିକାରୀ ଓ ପୁଲିସ ଅଧିକାରୀ ମାନ୍ୟବର ରାଜ୍ୟପାଳଙ୍କ ବାଲେଶ୍ୱର ଗସ୍ତ ସମୟରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟର ସୁପରିଚାଳନା କରିଥିଲେ ।

# ସାତଭାୟା ବିସ୍ଥାପିତଙ୍କ ଜୀବିକା ଓ ଦକ୍ଷତା ବୃଦ୍ଧି ପାଇଁ ଆରମ୍ଭ ହେଲା ନୂଆ ପ୍ରକଳ୍ପ 'ପ୍ରଗତି'

ଭୁବନେଶ୍ୱର (ପିଏନ୍): ରାଜ୍ୟରେ ଜଳବାୟୁ ପରିବର୍ତ୍ତନର ଶିକାର ହୋଇ ପ୍ରଥମ ବିସ୍ଥାପିତ ହୋଇଥିବା କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ସାତଭାୟା ଖଣ୍ଡର ପାଞ୍ଚୋଟି ଗ୍ରାମର ୫୬୧ ପରିବାର ନିକଟରେ ଦକ୍ଷତା ଓ ଜୀବିକାର ନିଶ୍ଚିତତା ପାଇଁ ଆରମ୍ଭ ହୋଇଛି ପ୍ରକଳ୍ପ 'ପ୍ରଗତି' । ଅଗ୍ରଣୀ ସାମାଜିକ ସଂଗଠନ ଆରସିଡ଼ିସି ଏବଂ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥାଙ୍କ ମିଳିତ ଉଦ୍ୟମରେ ବୁଧବାର ଏଠାରେ ଶୁଭାରମ୍ଭ ହୋଇଥିବା 'ପ୍ରଗତି' ପ୍ରକଳ୍ପ ବିସ୍ଥାପିତଙ୍କ ଆଶା ଓ ଆବଶ୍ୟକତାକୁ ନିର୍ଦ୍ଧାରଣ କରି ସେମାନଙ୍କ ସାଥୀରେ ନେଇ ଜୀବନ ଜୀବିକାର ସମୃଦ୍ଧି ଓ ଦକ୍ଷତା ବିକାଶରେ ଧ୍ୟାନ ଦେବ ବୋଲି ଅତିଥିମାନେ ମତପୋଷଣ କରିଛନ୍ତି। ପ୍ରାକ୍ତନ ବରିଷ୍ଠ ପ୍ରଶାସକ ଡଃ ଅରବିନ୍ଦ ବେହେରା, ୟୁଏନ୍‌ଡ଼ିପିର ପ୍ରତିନିଧି ଆଭା ମିଶ୍ର, ଆରସିଡ଼ିସିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ଦାସ, କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ନିରଞ୍ଜନ ବେହେରା, ଟାଟାଷ୍ଟିଲ୍‌ର ସିଏସ୍‌ଆରର ମୁଖ୍ୟ ଡ. ଅମ୍ବିକା ନନ୍ଦ ଓ ବଗପାଟିଆ ସରପଞ୍ଚ ପ୍ରସନ୍ନ ପରିଡ଼ା ଏଥିରେ ଯୋଗଦେଇ ବଗପାଟିଆ ଥଇଥାନ କଲୋନୀର ସ୍ଥିତିରେ ପରିବର୍ତ୍ତନ ଆଣିବା ଦିଗରେ କଣ ସବୁ କାର୍ଯ୍ୟକ୍ରମ ନିଆଯିବାର ଆବଶ୍ୟକତା ରହିଛି ସୂଚାଇଥିଲେ। ସୂଚନାଯୋଗ୍ୟ ଯେ, ଉପକୂଳ କ୍ଷୟର ଶିକାର ହୋଇଛି ସାତଭାୟା। ୧୯୭୧, ୧୯୮୦ ଓ ୧୯୮୨ ମସିହାରେ ସମୁଦ୍ରର ଉତ୍ତାଳ ଲହଡ଼ିରେ ଭାସିଯାଇଛି ବହୁ ଧନ ଓ ଜୀବନ। ଏଭଳି ବିପର୍ଯ୍ୟୟର ମୁକାବିଲା ପାଇଁ ବଗପାଟିଆଠାରେ ୧୮୫ ଏକର ସରକାରୀ ଜମିରେ ସେମାନଙ୍କୁ ଥଇଥାନ କରାଯାଇଛି। କିଛିବର୍ଷ ଧରି ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟର ରାଜଧାନୀ ପାଲଟିଥିବା ବେଳେ ପୂର୍ବରୁ ପ୍ରଭାବିତ ହୋଇଥିବା ଏହି ପରିବାର ଗୁଡ଼ିକର ବିକାଶକୁ ଏବେ 'ପ୍ରଗତି' ପ୍ରକଳ୍ପରେ ଫୋକସ କରାଯାଇଛି। ସମୁଦ୍ର ଆଁ ଭିତରୁ ବର୍ତ୍ତି ଯାଇଥିବା ୫୬୧ଟି ପରିବାରକୁ ଥଇଥାନ ପାଇଁ ସରକାର ଆଗେଇ ଆସିଛନ୍ତି। ଏହି ପ୍ରକ୍ରିୟାକୁ ସହଯୋଗ କରିବା ପାଇଁ ସାମାଜିକ ସଂଗଠନ ଆରସିଡ଼ିସି ଏବଂ ଓଏସ୍‌ଡ଼ିଏମ୍‌ଏ ମିଳିତ ଭାବେ ଆଗେଇ ଆସିବା ଏକ ସୁସମ୍ବାଦ ବୋଲି କହିଛନ୍ତି ସଂଗଠନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ଦାସ। ଥଇଥାନ, ଦକ୍ଷତା, ବିକାଶ, ଜୀବିକା ଓ ଯେକୌଣସି ପରିସ୍ଥିତିକୁ ଖାପ ଖୁଆଇ ଚଳିବାରେ ବଗପାଟିଆ ବିସ୍ଥାପିତ ଗୋଷ୍ଠୀଙ୍କ ସାମର୍ଥ୍ୟ ଗଠନ ଦିଗରେ ପ୍ରଗତିର ପ୍ରୟାସ ଜାରି ରହିବ ବୋଲି କୁହାଯାଇଛି।

# କୁରାଡ଼ମଲ୍ଲ ହାଇସ୍କୁଲରେ ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ଖୋର୍ଦ୍ଧା (ପିଏନ୍): କୁରାଡ଼ମଲ୍ଲ ସରକାରୀ ହାଇସ୍କୁଲରୁ ଗତ ବର୍ଷକ ମଧ୍ୟରେ ବଦଳି ହୋଇଥିବା, ପଦୋନ୍ନତିରେ ଯାଇଥିବା ଏବଂ ଜିଲା ବଦଳି ଯୋଗୁଁ ବିଦାୟ ନେଇଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଏକ ସ୍ୱତନ୍ତ୍ର ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି । ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ସାମନ୍ତରାୟଙ୍କ ସଭାପତିତ୍ୱରେ କେନ୍ଦ୍ରାପଡ଼ାର ପୂର୍ବତନ ଜିଲାପାଳ ଦେବରାଜ ସେନାପତି ମୁଖ୍ୟ ଅତିଥି, ଐତିହାସିକ ସତ୍ୟବାଦୀ ବଳିଆରସିଂହ ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ଭାବେ ସମାଜସେବୀ ରାମ ପ୍ରସାଦ ମହାନ୍ତି, ବିଦ୍ୟାଳୟ କମିଟି ସଭାପତି କୃପାସିନ୍ଧୁ ରାଉତ, ଅମର ପରିଡ଼ା, ଦୁର୍ଗା ପ୍ରସାଦ ବାରିକ, ସି.ଆର.ସିସି. ଧ୍ରୁବଚରଣ ରଣା ଯୋଗ ଦେଇଥିଲେ । ସର୍ବଶ୍ରୀ ବସନ୍ତ କୁମାର ନାୟକ, ନିରଂଜନ ସାହୁ, ସ୍ମୃତିରାଣୀ ବୋଷ, ପ୍ରୀତିରାଣୀ ବୋଷ, ଚକ୍ରଧର ମିଶ୍ର, ଶିବପ୍ରସାଦ ମହାପାତ୍ର, ସଂଧ୍ୟାବାଳା ପଟ୍ଟନାୟକ, ସସ୍ମିତା ପାଣିଗ୍ରାହୀ, ବାସନ୍ତୀ ସୁବୁଦ୍ଧି, ପ୍ରିୟଙ୍କା ଦେବୀ, ପୁଷ୍ପାଂଜଳୀ ଦାସ ପ୍ରମୁଖଙ୍କୁ ମାନପତ୍ର, ଉତରୀୟ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା । ସେମାନଙ୍କ ଗୁଣାବଳୀ ଅତିଥି, ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ବର୍ଣ୍ଣନା କରିଥିଲେ। କଳ୍ପନା ରାଉତ ମଂଚ ପରିଚାଳନା ତଥା ଅତିଥି ପରିଚୟ ଦେଇଥିବାବେଳେ ପଙ୍କଜିନୀ ପରିଡା ଧନ୍ୟବାଦ ଦେଇଥିଲେ। ବିଷ୍ଣୁପ୍ରିୟା ସାହୁ, ପୁଷ୍ପଲତା ହରିଚନ୍ଦନ, ନମିତା ପଣ୍ଡା, ଅନୁଭା ଦୀପ୍ତି ବିଷୋୟୀ, ତୁଳସୀ ପଣ୍ଡା ଓ ସାବିତ୍ରୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଗ୍ରାମବାସୀ ସହଯୋଗ ପ୍ରଦାନ କରିଥିଲେ ।

ସଂ ଗଚ୍ଛଧ୍ବଂ ସଂ ବଦଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୨, ଏପ୍ରିଲ ୨୦**

# ଭାରତୀୟ ଶିକ୍ଷା, ଶିକ୍ଷିତ ଓ ଶିକ୍ଷା ନୀତି-୧

***ଜୀବନ ସଂଘର୍ଷର କରାଳତାରେ ପୋଥିଗତ ଶିକ୍ଷାକୁ ରୋଜଗାର ପନ୍ଥାର ମାଧ୍ୟମ ରୂପେ ଗ୍ରହଣୀୟତା ଏକ ସମୟୋପଯୋଗୀ ଦୃଷ୍ଟିକୋଣ ମାତ୍ର ! ଶିକ୍ଷାର ପରିସୀମା କେବଳ ପୋଥିଗତ ଏବଂ ରୋଜଗାର ମଧ୍ୟରେ ସୀମିତ ନୁହେଁ !! ଏହାର ବ୍ୟାପକତା ଅନୁଭବ କରୁଛି କିଏ ?***



ବିଂଶ ଶତାବ୍ଦୀର ମଧ୍ୟ ଭାଗରୁ ଅଦ୍ୟାବଧି ଭାରତୀୟ ମାନେ ଶିକ୍ଷାକୁ ଏକ ରୋଜଗାର ପନ୍ଥାର ମାଧ୍ୟମ ରୂପେ ବ୍ୟବହାର କରି ଆସୁଛନ୍ତି । ଉପସ୍ଥିତ ସମୟର ଶିକ୍ଷା ବ୍ୟବସ୍ଥାରେ ପୋଥିଗତ ସୀମିତ ଜ୍ଞାନକୁ ସାମାଜିକ ଶୀର୍ଷ କ୍ଷେତ୍ର ଭାବେ ଗ୍ରହଣ କରାଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଏକ ମାନ୍ୟତା ପ୍ରମାଣପତ୍ର ପ୍ରଦାନ କରାଯାଇ ଥାଏ । ସେହି ପ୍ରମାଣପତ୍ର ସାହାଯ୍ୟରେ ସେ ନିଜକୁ ଜଣେ ଶିକ୍ଷିତ ଭାବେ ସମାଜରେ ଉପସ୍ଥାପନ ପୂର୍ବକ କୌଣସି କ୍ଷେତ୍ରରେ କାର୍ଯ୍ୟ କରି ରୋଜଗାର କରିବା କ୍ଷମତା, ଅଧିକାର ସାବ୍ୟସ୍ତ କରିଥାଏ । ପ୍ରଚଳିତ ବ୍ୟବସ୍ଥା, ଭାବଧାରା ଭାରତୀୟ ସଂସ୍କୃତି, ପରମ୍ପରା ଉପରେ ଆଧାରିତ ନୁହେଁ । କେବଳ ବ୍ରିଟିଶ ଦ୍ୱାରା ପ୍ରଚଳିତ ପ୍ରଥାର ସମ୍ପୂର୍ଣ୍ଣ ବ୍ୟବହାରିକ ନିର୍ବୋଧତା ଯାହା ଆଜି ଆମ ସମାଜର ଏକ ନୀତି ଭାବେ ଗ୍ରହଣୀୟ ହୋଇଛି ସମସ୍ତ ଜନ ମାନସରେ । ଭାରତୀୟ ଶିକ୍ଷା ନୀତି, ପଦ୍ଧତିର କୌଣସି ନିଦର୍ଶନ ବିହୀନ ବ୍ରିଟିଶ ମାନଙ୍କ ପୂର୍ବ ପରିକଳ୍ପିତ ଶିକ୍ଷା ବ୍ୟବସ୍ଥା, ନୀତି ଆମକୁ ଦିନକୁ ଦିନ ସେମାନଙ୍କ ଭୃତ୍ୟ କରିଦେବାରେ ସାହାଯ୍ୟ କାରୁ ନାହିଁତ ? ନିଶ୍ଚିତ ଭାବେ ହଁ ! ଯାହା ଆମ ଜ୍ଞାନ ବହିର୍ଭୁତ ! ସମ୍ପୃକ୍ତ ଶିକ୍ଷା ବ୍ୟବସ୍ଥାରେ ରହିଥିବା ଅଭାବନୀୟ ପରିସ୍ଥିତି ତଥା ଅନୁପଯୁକ୍ତ ଶିକ୍ଷା କୌଶଳ, ପାଠ୍ୟକ୍ରମ ସହିତ ସମାଜର ସବୁ ବର୍ଗର ମଣିଷ ଏକ ଦିଗଗାମୀ ହୋଇ ଚାଲିଛନ୍ତି । ଭାରତୀୟ ଶିକ୍ଷା ପଦ୍ଧତିକୁ ଏକ ଦୁର୍ବଳ ଏବଂ ସମୀପ ଦ୍ରଷ୍ଟା ଭାବେ ବର୍ଣ୍ଣନା କରି ବ୍ରିଟିଶ ଯେଉଁ ଶିକ୍ଷା ବ୍ୟବସ୍ଥା ଆରମ୍ଭ କରିଥିଲା ସେହି ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ ନହୋଇ ଅଦ୍ୟାବଧି ପ୍ରଚଳିତ ରହିଛି ଆମ ଦେଶରେ । ସେମାନଙ୍କ ଦ୍ୱାରା ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ଏବଂ ଆମ ଦେଶର ସାଂସ୍କୃତିକ ଶିକ୍ଷା ମଧ୍ୟରେ କ'ଣ ସବୁ ଅନ୍ତର ରହିଥିଲା, ଶିକ୍ଷା ବ୍ୟବସ୍ଥାକୁ କେଉଁ ମାର୍ଗରେ ବ୍ୟବହାର କରାଯିବା ବିଧେୟ, ଏବଂ ଆମେ କ'ଣ କରୁଛେ ସମୀକ୍ଷା କରି ଦେଖିବା.....

ଭାରତୀୟ ସାଂସ୍କୃତିକ ଶିକ୍ଷା ମାନବୀୟ ଚେତନା ଜ୍ଞାନ ସୃଷ୍ଟି କରି ମଣିଷକୁ ମଣିଷ ଭଳି ଗଢ଼ି ତୋଳିବାରେ ଲକ୍ଷ ରଖିଥିଲା । ତେଣୁ ଭାଷା, ସାହିତ୍ୟ ତଥା ମାନବିକ ଚେତନା ଉପରେ ଆଧାରିତ ପାଠ୍ୟକ୍ରମ ଶିକ୍ଷାର୍ଥୀ ମାନଙ୍କୁ ଶିକ୍ଷା ଦିଆଯାଉ ଥିଲା । ସେହି ସମୟରେ ଆଧୁନିକ ରସାୟନ, ପଦାର୍ଥ ବିଜ୍ଞାନ ଆଧାରିତ କୌଣସି ବିଷୟ ଉପରେ ଗବେଷଣାତ୍ମକ ଶିକ୍ଷା ନଥିଲା ଆମ ଦେଶରେ ଯାହା ବର୍ତ୍ତମାନ ସୁଦ୍ଧା ସମାନ ଅବସ୍ଥାରେ ରହିଛି । ଶରୀର ବିଜ୍ଞାନ ତଥା ଯୋଗ ସାଧନ ଏବଂ ଆୟୁର୍ବେଦ ଶାସ୍ତ୍ର ଉପରେ ଆଧାରିତ କେତେକ ଶିକ୍ଷଣୀୟ ବିଷୟ ଭାରତରେ ଉଦ୍ଭାବିତ ହୋଇଥିଲା ଯାହା ଆଜି ସମୟରେ ମୁମୂର୍ଷୁ ଅବସ୍ଥାରେ ପତିତ ହୋଇ ଆମ୍ ଚିତ୍କାର କରୁଛି । ଭାରତୀୟ ମନୋବିଜ୍ଞାନ କହିଲେ ଆଜି ସମୟର ଶିକ୍ଷାର୍ଥୀଙ୍କ ପାଇଁ ଏକ କୌତୁହଳ ପୂର୍ଣ୍ଣ ପରିହାସର ବ୍ୟାଙ୍ଗୀୟ ପରିଭାଷାରେ ପରିଣତ ସାଧାରଣ ଜ୍ଞାନ ଶୂନ୍ୟ ମଣିଷଙ୍କ ଅବସ୍ଥିତି ୯୯ ପାରୀ ଦେଖିବାକୁ ମିଳୁଛି ଆମ ଦେଶରେ । ଭାଷା କହିଲେ ଆମେ କେବଳ ଇଂରାଜୀକୁ ବୁଝିଥାଉ ଯାହା ଗୋଟିଏ ଜ୍ଞାନୀର ପରିଚୟ ଦେବା ଛଡ଼ା ମାତୃଭାଷାରେ କଥା ହେଉଥିବା ମଣିଷଙ୍କୁ ଆମେ ଗାଉଁଲି କହୁ ! ରାଜନୀତି କେବଳ ରାଜ ପରିବାର ମଧ୍ୟରେ ସୀମିତ ଥିଲା ଯାହା ସାଧାରଣ ଲୋକଙ୍କ କୌଣସି ବ୍ୟକ୍ତିଗତ ଭବାନ୍ତର୍ଭୁକ୍ତ ହେଉନଥିଲା । ବ୍ରିଟିଶ ପରବର୍ତ୍ତୀ ସେମାନଙ୍କ ସମ୍ବିଧାନର ନକଲରେ ପରିଚାଳିତ ଆମ ଦେଶର ଗଣତନ୍ତ୍ର ଭିତରେ ରାଜନୀତିର ଆକର୍ଷଣ ଏକ ଭିନ୍ନ ରୂପରେ ଦୃଶ୍ୟମାନ । ଗଣତନ୍ତ୍ର ମାଧ୍ୟମରେ ରାଜତନ୍ତ୍ର ଚଳାଇବା ଇଂଲଣ୍ଡର ରାଣୀ ଭିକ୍ଟୋରିଆଙ୍କ ଏକ ଅବଦାନ ଯାହା ଆମ ଦେଶର ସାମ୍ବିଧାନିକ ଶୋଭା ବର୍ଦ୍ଧନ କରୁଛି ଆଜିର ଏକବିଂଶ ଶତାବ୍ଦୀରେ । କାରଣ ଇତି ମଧ୍ୟରେ ଆମ ଦେଶରେ ସ୍ୱଦେଶ ସଂସ୍କୃତି, ପରମ୍ପରାକୁ ନେଇ ସମ୍ବିଧାନ ସୃଷ୍ଟି କରିବା ପାଇଁ କୌଣସି ସନ୍ତାନ ଜନ୍ମ ହୋଇନାହାନ୍ତି । ଆଗକୁ ମଧ୍ୟ ହେବା ସମ୍ଭାବନା ଖୁବ୍ କ୍ଷୀଣ । ବର୍ତ୍ତମାନର ବ୍ରିଟିଶ୍ ଆଇନ ଏବଂ ଶିକ୍ଷା ନୀତି ସାଧାରଣ ମଣିଷଙ୍କୁ ଯେଉଁ ରସାତଳଗାମୀ କରି ଚାଲିଛି ଆସନ୍ତା ଭବିଷ୍ୟତରେ କେବଳ ଏହାଠାରୁ ଯଥେଷ୍ଟ ବ୍ୟର୍ଥ ପ୍ରମାଣପତ୍ର ଧାରୀ ଅହଙ୍କାରୀ ସୃଷ୍ଟି ହେବେ ଯେଉଁମାନେ ଜନ୍ମ ମାଟିକୁ ମା' ବୋଲି କହିବାକୁ ଲଜ୍ଜା ଅନୁଭବ କରିବେ ! ବର୍ତ୍ତମାନ ସମୟରେ ତାହାର ସ୍ଥିତି ମଧ୍ୟ କିଛି କମ୍ ଦେଖିବାକୁ ମିଳୁନାହିଁ, ଭାବିଲେ ସେହି ଦେଶାନ୍ତରୀ ସୁପୁତ୍ର, ସୁଜ୍ଞାନୀ ମଣିଷ ମାନଙ୍କ କଥା ! ହେଲେ ବାସ୍ତବିକ ପ୍ରକୃତ ଶିକ୍ଷା କ'ଣ ଏବଂ ତାହାର ବ୍ୟବହାରିକ ମୂଲ୍ୟବୋଧ କେବଳ ଚାକିରୀ କରି ରୋଜଗାର କରିବା ମଧ୍ୟରେ ସୀମିତ ନା ଆଉ କୌଣସି ମୂଲ୍ୟବୋଧ ରଖିଥାଏ ଶିକ୍ଷା, ଅନୁଶୀଳନ କରିବା ସହିତ ଶିକ୍ଷିତ କାହାକୁ କୁହାଯାଏ ଏବଂ ଆମ ଦେଶର ଶିକ୍ଷା ନୀତି କ'ଣ ଅଛି, କ'ଣ ହେବା କଥା ବା ହେଲେ ଭଲ ହେବ ବିଚାର କରି ଦେଖିଲେ ଜାଣିହେବ ଯେ...

ଭାରତୀୟ ସଂସ୍କୃତିରେ ଶିକ୍ଷାକୁ କୌଣସି ରୋଜଗାରରେ ସିଧା ସଳଖ ବ୍ୟବହାର କରାଯିବା ଲକ୍ଷ ରଖାଯାଇ ନଥିଲା । କାରଣ ଭାରତୀୟ ସଂସ୍କୃତିରେ କେହି ଅନ୍ୟକୁ କ୍ରୀତଦାସ (ମାସିକ ବେତନ ଦେୟ ଯୁକ୍ତ ଚାକର) କରି ଖଟାଇବା ଉଦ୍ଦେଶ୍ୟ ନରଖି ସାଧାରଣ ଲୋକଙ୍କୁ ଯଥେଷ୍ଟ ଦକ୍ଷ, ନିପୁଣ କରି ସ୍ୱାବଲମ୍ବୀ ହେବା ଲକ୍ଷ ରହିଥିଲା ଯାହା ଶିକ୍ଷା ମାଧ୍ୟମରେ ପ୍ରାପ୍ତି ହେବା ସମ୍ଭାବନା ରହିଥାଏ । ଶିକ୍ଷାର ଉପଯୁକ୍ତତା ପ୍ରତିପାଦିତ ହେବ ଯେତେବେଳେ ମଣିଷ ତାକୁ ବ୍ୟବହାର କରି ନିଜସ୍ୱ ଗବେଷଣାତ୍ମକ ଜ୍ଞାନ ସୃଷ୍ଟି କରି ତାହାଠାରୁ ଯଥେଷ୍ଟ ଅଗ୍ରଗତି କରିପାରିବ । ଅର୍ଥାତ ଶିକ୍ଷା ସମାପ୍ତି ପରେ ମଣିଷ ନିଜର ଅନ୍ତର୍ଜ୍ଞାନ ସୃଷ୍ଟି କରି ନିଜର ଦକ୍ଷତା, କ୍ଷମତା ପ୍ରଦର୍ଶନ କରିପାରିଲେ ତାକୁ ପ୍ରକୃତ ଶିକ୍ଷିତ ବୋଲି କୁହାଯିବ । କିନ୍ତୁ କୌଣସି ପୋଥୀଗତ ବିଦ୍ୟାକୁ ପଢ଼ି, ଘୋଷି, ମନେରଖି କିଂଚିତ ପ୍ରଶ୍ନୋତ୍ତର ମାଧ୍ୟମରେ କୃତିତ୍ୱ ଅର୍ଜନ କରୁଥିବା ମଣିଷଙ୍କୁ ଶିକ୍ଷିତ ବୋଲି କୁହାଯାଇ ପାରିବ ନାହିଁ ! କାରଣ ସେହିଭଳି ଶିକ୍ଷାର ମୂଲ୍ୟାଙ୍କନ କେବଳ ପରୀକ୍ଷା ମାଧ୍ୟମରେ କରାଯାଇ ସମ୍ପୃକ୍ତ କୃତି ବିଦ୍ୟାର୍ଥୀଙ୍କୁ କୌଣସି ପ୍ରମାଣ ପତ୍ର ଦିଆଗଲେ, ପରବର୍ତ୍ତୀ ସମୟରେ ସମ୍ପୃକ୍ତ ଶିକ୍ଷାର୍ଥୀ ସେହି ପ୍ରମାଣପତ୍ରକୁ ବିନିଯୋଗ କରି ନିଜସ୍ୱ ଅ'ଜ୍ଞାନ ସୃଷ୍ଟି କରିବା କୋଶ ଦୂର, ସେହି ଶିକ୍ଷାର କୌଣସି ଅଂଶ ବିଶେଷ ମଧ୍ୟ ପୁନର୍ବାର ସ୍ମରଣ କରିବା ସମ୍ଭବ ହେବନାହିଁ ଯାହା ଆଜି ସମୟରେ ପ୍ରାୟତଃ ସମସ୍ତଙ୍କ ପାଖରେ ଦେଖିବାକୁ ମିଳୁଛି ! ତେଣୁ ସେହି ପୋଥୀଗତ ଶିକ୍ଷାରୁ ପରୀକ୍ଷା ମାଧ୍ୟମରେ କୃତି ଶିକ୍ଷାର୍ଥୀଙ୍କୁ ଶିକ୍ଷିତ ବୋଲି କୁହାଯାଇ ପାରିବ ନାହିଁ, ଯେତେବେଳ ପର୍ଯ୍ୟନ୍ତ ସେ ସେହି ଶିକ୍ଷାର ଉପଯୁକ୍ତତା ପ୍ରମାଣ କରିବାରେ ସମର୍ଥ ହୋଇନାହିଁ । ଶିକ୍ଷାରେ ରୋଜଗାର ଏକ ପାଶ୍ଚାତ୍ୟ କ୍ରୀତଦାସ ବ୍ୟବସ୍ଥା ଯାହା ଆଜି ଆମ ଦେଶ ଲୋକଙ୍କ ପ୍ରଧାନ କାର୍ଯ୍ୟ ଶୈଳୀ ଭାବେ ଭବା'ର୍ଭୂକ୍ତ । କୌଣସି ମତେ ଅଧିକ ଶିକ୍ଷା ଅର୍ଜିତ ପ୍ରମାଣପତ୍ର ହାସଲ କରିପାରିଲେ କୌଣସି କ୍ଷେତ୍ରରେ ନିଯୋଜିତ ହୋଇ ଯଥେଷ୍ଟ ଧନ ରାଶି ରୋଜଗାର କରି ନିଜ ଜୀବନ ସୁଖମୟ କରିବା ଲକ୍ଷ ରଖୁଥିବା ମଣିଷଙ୍କ ସଂଖ୍ୟା ୯୯ ପାର ଦେବାକୁ ମିଳୁଛି ସର୍ବତ୍ର । କିନ୍ତୁ କୌଣସି ମତେ ଶିକ୍ଷାରେ ମାନବିକ ମୂଲ୍ୟବୋଧ ଅନୁଭବ କରୁଥିବା ମଣିଷ ଖୋଜିଲେ ମିଳିବେ, ସନ୍ଦେହ !! ବାସ୍ତବିକ ଶିକ୍ଷାକୁ କେମିତି ଏବଂ କାହିଁକି ଆମ ମନ ମାନସରେ ଏକ ବିକୃତ ସ୍ଥାନିତ କରାଯାଇଅଛି ଏବଂ ତାହାର ଉଦ୍ଦେଶ୍ୟ କ'ଣ ପରବର୍ତ୍ତୀ ସମୟରେ ବିଚାର କରିବା...

**ପଙ୍କଜ କୁମାର ପାଣିଗ୍ରାହୀ,** ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଞ୍ଜାମ, ଦୂରଭାଷ: ୯୪୩୭୩୨୪୯୧୭

# ନେପାଳ ହେବ ହିନ୍ଦୁରାଷ୍ଟ୍ର

ସୌମେନ୍ଦ୍ର ଜେନା



ଚଳିତ ଏପ୍ରିଲ ମାସର ୧ ତାରିଖରେ ନେପାଳର ପ୍ରଧାନମନ୍ତ୍ରୀ ଶେର ବାହାଦୂର ଦେଉବା ତିନିଦିନିଆ ଭାରତଗସ୍ତରେ ଆସିଥିଲେ । କୋରୋନା ଯୋଗୁ ନେପାଳ ପ୍ରଧାନମନ୍ତ୍ରୀଙ୍କ ଗସ୍ତରେ ବିଳମ୍ବ ହୋଇଥିଲେ ହେଁ ଦାୟିତ୍ୱ ନେବାପରେ ଏହା ତାଙ୍କର ପ୍ରଥମ ଏବଂ ପୂର୍ବ ଶାସନକାଳକୁ ମିଶାଇଲେ ଭାରତକୁ ପଞ୍ଚମଥର ପାଇଁ ଗସ୍ତଥିଲା । ଏହି ଗସ୍ତକାଳରେ ଦ୍ୱିପାକ୍ଷିକ ଆଲୋଚନା,ଭବିଷ୍ୟତ ପାଇଁ ବୁଝାମଣା, ପ୍ରକଳ୍ପର ଉଦ୍‌ଘାଟନ,ବାରାଣାସୀ ଗସ୍ତ ଆଦି ରହିଥିଲା ।

ନେପାଳର ପ୍ରଧାନମନ୍ତ୍ରୀ ତାଙ୍କ ଗସ୍ତକାଳରେ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର, ବିଦେଶ ସଚିବ ହର୍ଷବର୍ଦ୍ଧନ ସ୍ରିଙ୍ଗଲା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିଥିଲେ । ଏହାଛଡ଼ା ଶ୍ରୀ ଦେଉବା ବିଜେପିର ନୂଆଦିଲ୍ଲୀସ୍ଥିତ କାର୍ଯ୍ୟାଳୟକୁ ଯାଇ ଜଗତ ପ୍ରକାଶ ନଡ୍ଡାଙ୍କ ସମେତ ଅନ୍ୟ ନେତୃବୃନ୍ଦଙ୍କୁ ସାକ୍ଷାତ କରିଥିଲେ । ଦୁଇଦିନ ନୂଆଦିଲ୍ଲୀରେ କଟାଇବା ପରେ ଶ୍ରୀ ଦେଉବା ସସ୍ତ୍ରୀକ ବାରାଣାସୀ ଯାତ୍ରାକରି କାଶୀର ବିଶ୍ୱନାଥ ଏବଂ କାଳଭୈରବ ମନ୍ଦିର ଦର୍ଶନ କରି ସେଠାରେ ପୂଜାର୍ଚ୍ଚନା ସହ ରୁଦ୍ରାଭିଷେକ କରିଥିଲେ । କାଶୀ ବିଶ୍ୱନାଥଧାମଠାରେ ଏକ କ୍ଷୁଦ୍ର ବୃତ୍ତଚିତ୍ର ଦେଉବା ଦେଖିଥିଲେ । ତାଙ୍କ ସହ ପତ୍ନୀ ଅର୍ଜୁରାଣା ଦେଉବା ମଧ୍ୟ ଥିଲେ । ବାରାଣାସୀର ଲାଲ ବାହାଦୂରଶାସ୍ତ୍ରୀ ବିମାନ ବନ୍ଦରଠାରେ ଦେଉବାଙ୍କୁ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସ୍ୱାଗତ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ନେପାଳର ପ୍ରଧାନମନ୍ତ୍ରୀ ଦମ୍ପତିଙ୍କୁ ସ୍ୱାଗତ କରାଯାଇ ବିମାନବନ୍ଦରରୁ ତାଜ୍ ହୋଟେଲର ରହଣିସ୍ଥାନକୁ ଯିବା ବାଟରେ ୧୫ଟି ସ୍ଥାନରେ ଭିନ୍ନ ଭିନ୍ନ ପ୍ରକାର ନୃତ୍ୟଗୀତ ମାଧ୍ୟମରେ ସ୍ୱାଗତ କରାଯାଇଥିଲା, ଯାହା ପ୍ରଧାନମନ୍ତ୍ରୀ ଦମ୍ପତିଙ୍କୁ ଅଭିଭୁତ କରିଥିଲା ।

ଗତବର୍ଷ ଜୁଲାଇ ୨୦୨୧ରେ ନେପାଳର ଶାସନଭାର ସମ୍ଭାଳିବା ପରଠାରୁ ଭାରତକୁ ପ୍ରଥମ ଗସ୍ତରେ ଆସି ଦେଉବା ଭାରତର ବିହାରର ଜୟନଗର ଏବଂ ନେପାଳର କୁର୍ଥା (ଜନକପୁର) ମଧ୍ୟରେ ୫୧ କି.ମି ଦୂରତାରୁ ନବନିର୍ମିତ ୩୫କିମିର ପ୍ରଥମ ଦଫାର ରେଳପଥକୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଉଦ୍‌ଘାଟନ କରିଥିଲେ । ଇଂରେଜଙ୍କ ଶାସନକାଳରେ ଏକ ନ୍ୟାରୋ ଗଜ୍‌ଲାଇନ ପରିବହନ ପାଇଁ ରହିଥିଲା ଯାହା ଲାଭଜନକ ନହେବା ଏବଂ ବନ୍ୟାରେ ନଷ୍ଟ ହେବା ଯୋଗୁ ୨୦୦୧ରୁ ବନ୍ଦ ହୋଇ ପଡ଼ିଥିଲା । ୧୯୩୭ରେ ଇଂରେଜ ସରକାର ଜୟନଗର ଏବଂ ବିଜଲପୁରା ମଧ୍ୟରେ ୬୯କିମିର ରେଳ ଚଳାଚଳ ଆରମ୍ଭ କରିଥିଲେ । ଭାରତ ସରକାରଙ୍କ ଅନୁଦାନକ୍ରମେ କୋଙ୍କଣ ରେଳବାଇ ସଂସ୍ଥା ଏରକନ୍ ଏହାର ନିର୍ମାଣ କାର୍ଯ୍ୟ ହାତକୁ ନେଇଥିଲେ । ରେଳପଥ କାର୍ଯ୍ୟରେ ନେପାଳ ରେଳବାଇ କମ୍ପାନୀ ସହଯୋଗୀ ରହିଛି । ଜୟନଗର- ବିଜାଲପୁରା ରେଳପଥ ଦୁଇଦେଶ ମଧ୍ୟରେ ଏକମାତ୍ର ରେଳ ଯୋଗାଯୋଗପଥ । ବିଜାଲପୁରାଠାରୁ କୁର୍ଥାଯାଏଁ ମଧ୍ୟ ରେଳପଥ ନିର୍ମାଣ କାର୍ଯ୍ୟ ସରିଛି । ଭାରତର ବିଦେଶ ବିଭାଗ ୭୮୪ କୋଟି ଟଙ୍କା ଏହି ପ୍ରକଳ୍ପ ପାଇଁ ଦେଇଛନ୍ତି । ଏହି ମାର୍ଗରେ କେବଳ ଦୁଇଦେଶର ଜନସାଧାରଣ ଯାତ୍ରା କରିପାରିବେ ବୋଲି ସ୍ଥିର ହୋଇଛି । ହିମାଳୟର ସୋଲୁଖୁମ୍ବଠାରେ ୨୦୦କୋଟି ଟଙ୍କାରେ ନିର୍ମିତ ୯୦କିମି ଦୀର୍ଘ ୧୩୨କେଭି ବିଦ୍ୟୁତ ପ୍ରକଳ୍ପକୁ ଦୁଇ ପ୍ରଧାନମନ୍ତ୍ରୀ ମିଳିତଭାବେ ଚାଲୁ କରିଥିଲେ । ଦ୍ୱିପାକ୍ଷିକ ଆଲୋଚନାରେ ପଞ୍ଚେଶ୍ୱର ଜଳବିଦ୍ୟୁତ ପ୍ରକଳ୍ପର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଦୁଇପକ୍ଷ ସହମତ ହୋଇଥିଲେ । ଭାରତର ରୁପେ କାର୍ଡ ନେପାଳ ରାଷ୍ଟ୍ର ବ୍ୟାଙ୍କ ସହାୟତାରେ ନେପାଳରେ କାର୍ଯ୍ୟ କରିବ ବୋଲି କୁହାଯାଇଥିଲା । ଦୁଇଦେଶର ଲୋକଙ୍କ ସୁବିଧା ପାଇଁ ଏବଂ ଯାତ୍ରୀଙ୍କ ଦେଣନେଣ ଦୃଷ୍ଟିରୁ ଏହି କାର୍ଡ ବହୁ ସମସ୍ୟା ଦୂରକରିବ । ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସଠାରେ ଆୟୋଜିତ ଦୁଇପକ୍ଷର ବୈଠକ ପରେ ଚାରିଗୋଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଆନ୍ତର୍ଜାତିକ ସୌର ମେଣ୍ଟରେ ନେପାଳର ଯୋଗଦାନ, ନେପାଳର ରେଳବାଇକୁ ଟେକ୍‌ନିକାଲ୍ ସହଯୋଗ, ପେଟ୍ରୋଲିୟମ ସାମଗ୍ରୀ ଯୋଗାଣ, ପେଟ୍ରୋଲିୟମ କ୍ଷେତ୍ରରେ ଭାରତର ତୈଳ ନିଗମ (ଇଣ୍ଡିଆନ ଅଏଲ କର୍ପୋରେସନ) ଏବଂ ନେପାଳ ଅଏଲ କର୍ପୋରେସନ ମଧ୍ୟରେ କର୍ମଚାରୀଙ୍କ ଟେକ୍‌ନିକାଲ ଦକ୍ଷତା ବୃଦ୍ଧି ପାଇଁ ବୁଝାମଣା ହୋଇଥିଲା । ଆଲୋଚନା ପରେ ମିଳିତ ସାମ୍ବାଦିକ ସମ୍ମିଳନୀରେ ଦୁଇଦେଶର ପ୍ରଧାନମନ୍ତ୍ରୀ ଯୋଗ ଦେଇଥିଲେ । ସୀମାରେ ଯୋଗାଯୋଗ ବୃଦ୍ଧି, ନେପାଳ ପୋଲିସ ଏକାଡେମୀର ନିର୍ମାଣ, ନେପାଳଗଞ୍ଜଠାରେ ସମନ୍ୱିତ ଚେକ୍‌ପୋଷ୍ଟ ନିର୍ମାଣ, ରାମାୟଣର ପ୍ରସିଦ୍ଧ ସ୍ଥାନକୁ ପର୍ଯ୍ୟଟନ ସହ ଯୋଡ଼ି ରାମାୟଣ ଯାତ୍ରାପଥ ନିର୍ମାଣ ସଂପର୍କରେ ବ୍ୟାପକ ଆଲୋଚନା ହୋଇଥିଲା । ଦୁଇଦେଶ ମଧ୍ୟରେ ସହଯୋଗ ବୃଦ୍ଧି ପାଇଁ ମିଳିତ କାର୍ଯ୍ୟକାରୀ ଦଳ ଗଠନ କରାଯିବା ବିଷୟରେ ଦୁଇରାଷ୍ଟ୍ର ଏକମତ ହୋଇଥିଲେ । ନେପାଳ-ଭାରତର ଲୋକସଂପର୍କ ପୃଥିବୀରେ ଅନନ୍ୟ ବୋଲି ଶ୍ରୀ ମୋଦି କହିଥିଲେ । ଅନାଦି କାଳରୁ ଏହି ପାରିବାରିକ ସଂପର୍କ ଆଜିଯାଏ ଚାଲିଆସିଛି । ନେପାଳର ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ଭାରତୀୟ ପୁଞ୍ଜିନିବେଶକାରୀଙ୍କ ସହଯୋଗ ବଢ଼ିବା ଆବଶ୍ୟକ ବୋଲି ନେପାଳର ପ୍ରଧାନମନ୍ତ୍ରୀ ଦେଉବା ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ । ନେପାଳର ଚାଷ ପାଇଁ ରାସାୟନିକ ସାର ଭାରତରୁ ଯୋଗାଣ ହେବାଲାଗି ବହୁଦିନରୁ ଦାବି ହେଉଥିଲା । ଗତ କିଛି ବର୍ଷ ହେବ ନେପାଳରେ ସାରର ଅଭାବ ଦେଖାଦେଇଥିଲା । ଦୁଇଦେଶର ବୁଝାମଣା ଅନୁଯାୟୀ (୨୮ ଫେବୃଆରୀର) ପ୍ରତିବର୍ଷ ଭାରତରୁ ୨ଲକ୍ଷ ୧୦ ହଜାର ମେଟ୍ରିକ ଟନ୍ ରାସାୟନିକ ସାର ନେପାଳ ଆମଦାନୀ କରିପାରିବ । କାଶୀ ବିଶ୍ୱନାଥଙ୍କ ସହ ନେପାଳର ପଶୁପତିନାଥ ମନ୍ଦିରକୁ ଯୋଡ଼ି ଏକ ପର୍ଯ୍ୟଟନ କ୍ଷେତ୍ର ନିର୍ମାଣ ପାଇଁ ଉଭୟ ଦେଶ ଏକମତ ହୋଇଛନ୍ତି । ଦୁଇଦେଶ ମଧ୍ୟରେ ରହିଥିବା ୧୮୫୦କିମି ଖୋଲା ସୀମାର ଦୁଇପାର୍ଶ୍ୱରେ ସୁରକ୍ଷାକୁ ମଜଭୁତ କରିବା, ଅପରାଧ ଏବଂ ବେଆଇନ କାର୍ଯ୍ୟକଳାପକୁ ବନ୍ଦ କରିବାଲାଗି ଭାରତର ପ୍ରଧାନମନ୍ତ୍ରୀ ଜୋର ଦେଇଥିଲେ । ପୂର୍ବରୁ ଭାରତର ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ସୁରକ୍ଷାଗତ ବିଷୟ ନେଇ ନେପାଳ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଥିଲେ । ବାରଣାସୀଠାରେ ନେପାଳ ପ୍ରଧାନମନ୍ତ୍ରୀ ଦେଉବା ଏବଂ ତାଙ୍କ ପତ୍ନୀ ନେପାଳୀ ମନ୍ଦିର ଭୈରବଠାରେ ଆରତୀ କରିବା ପୂର୍ବରୁ ନେପାଳର ପର୍ଯ୍ୟଟନ ମନ୍ତ୍ରୀ ପ୍ରେମ ଆଲେ କାଠମାଣ୍ଡୁଠାରେ ୱାର୍ଲ୍ଡ ହିନ୍ଦୁ ଫେଡେରେସନର କାର୍ଯ୍ୟକ୍ରମରେ ଯୋଗଦେଇ ନେପାଳକୁ ପୁନର୍ବାର ହିନ୍ଦୁରାଷ୍ଟ୍ର ଘୋଷଣା କରିବାକୁ କହିଥିଲେ, ଯାହା ଚର୍ଚ୍ଚାର ବିଷୟ ହୋଇଥିଲା । ବାରାଣାସୀର ନେପାଳୀ ମନ୍ଦିରକୁ ୧୮୦୦ରୁ ୧୮୦୪ ଯାଏଁ ଦେଶାନ୍ତରୀ ଦଣ୍ଡ ଭୋଗ କରୁଥିବା ରାଣା ବାହାଦୂର ଶାହ ବାରାଣାସୀରେ ବାସ କରୁଥିବା ସମୟରେ ପଶୁପତିନାଥ ମନ୍ଦିରକୁ ନକଲ କରି ନିର୍ମାଣ କରାଇଥିଲେ ।

ଏକଥା ସତ ଯେ ନେପାଳ ପୂର୍ବରୁ ହିନ୍ଦୁରାଷ୍ଟ୍ରର ମାନ୍ୟତା ରାଜଶାସନରେ ପାଇଆସିଥିଲା । ଦେଶରେ ରାଜଶାସନ ମଧ୍ୟରେ ଗଣତନ୍ତ୍ର ଚାଲୁଥିଲା । କିନ୍ତୁ ଚୀନ ସହଯୋଗରେ ମାଓବାଦୀମାନେ ନେପାଳକୁ କମ୍ୟୁନିଷ୍ଟ ଶାସିତ ରାଷ୍ଟ୍ରରେ ପରିଣତ କରିବାକୁ ଯେଉଁ ରକ୍ତଲୀଳା ଦୀର୍ଘ ବର୍ଷ ଧରି ପ୍ରଚଣ୍ଡଙ୍କ ନେତୃତ୍ୱରେ ଚଳାଇଲେ ତଦ୍ୱାରା ହଜାର ହଜାର ସାଧାରଣ ଜନତା ହିଂସାର ଶିକାର ହେଲେ । ୨୦୦୬ରେ ଦେଶରେ ଗୃହଯୁଦ୍ଧ ଶେଷ ହୋଇ ଶାନ୍ତି ପ୍ରସ୍ତାବ ଆସିଲା । ୨୦୦୮ରେ ରାଜଶାସନ ନେପାଳରୁ ହଟିଲା । ୨୦୧୫ରେ ଯେଉଁ ସମ୍ବିଧାନକୁ ଅଣାଗଲା ସେଥିରେ ମଧେଶୀମାନଙ୍କର ଅଧିକାରକୁ କ୍ଷୁର୍ଣ୍ଣ କରାଯାଉଥିବାରୁ ଆନ୍ଦୋଳନ ହେଲା । ଫଳରେ ୫୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହେଲା । କାରଣ ସମ୍ବିଧାନରେ ଯେଉଁ ପ୍ରତିନିଧିତ୍ୱର ବ୍ୟବସ୍ଥା ରହିଥିଲା ତାହା ଜନସଂଖ୍ୟାକୁ ଆଧାର କରି ହୋଇନଥିଲା । ସଂଘୀୟ ବ୍ୟବସ୍ଥାରେ ସଂଖ୍ୟାଧିକ ମଧେଶୀଙ୍କୁ ଅଳ୍ପ ସଂଖ୍ୟକ ଆସନ ସଂସଦରେ ଦେବାକୁ ବ୍ୟବସ୍ଥା କରାଯାଇଥିଲା । ୨୦୦୭ରେ ନେପାଳ ନିଜକୁ ସେକୁଲାର ରାଷ୍ଟ୍ର ଭାବେ ଘୋଷଣା କଲା । ନେପାଳର ୮୧.୩୪ ପ୍ରତିଶତ ହିନ୍ଦୁ ଲୋକସଂଖ୍ୟା ସମଗ୍ର ବିଶ୍ୱରେ ପ୍ରଥମ ।

ଦେଶରେ ପ୍ରଚଳିତ ସୌର ପଞ୍ଜିକା ଉତ୍ତର ଭାରତର ପଞ୍ଜିକା ସଦୃଶ । ନେପାଳରେ ବହୁନ, ଛେତ୍ରୀ, ମଧେଶୀ,ନେୱାରୀ ଏବଂ ଠାକୁରି ଗୋଷ୍ଠୀର ହିନ୍ଦୁ ପ୍ରଭାବଶାଳୀ ରହିଛନ୍ତି । ଅତୀତରେ ନେ ନାମକ ସାଧୁ କାଠମାଣ୍ଡୁରେ ନିଜର ଅସ୍ଥାନ କରିଥିଲେ । ସେହି ଅଞ୍ଚଳକୁ ସୁରକ୍ଷିତ ରଖିବାକୁ ଉଦ୍ୟମ କରି ବାଗମତି ଏବଂ ବିଷ୍ଣୁମତି ନଦୀର ମିଳନସ୍ଥଳୀ ଟେକୁଠାରେ ସେ ପୂଜାର୍ଚ୍ଚନା କଲେ । ନେଙ୍କ ଦ୍ୱାରା ସ୍ଥାପିତ ସେହି ଅଞ୍ଚଳ ପରେ ନେପାଳ ଭାବେ ପରିଚିତ ହେଲା । ସେ ପ୍ରଥମେ ଗୋପାଳମାନଙ୍କ ମଧ୍ୟରୁ ଭୁକ୍ତାମନଙ୍କୁ ରାଜା ଭାବେ ବାଛିଥିଲେ । ଯିଏକି ପ୍ରାୟ ୬୨ବର୍ଷ ଶାସନ କରିଥିଲେ । ସ୍କନ୍ଦପୁରାଣରେ ନେ ବା ନେମୁନି ଋଷିଙ୍କ ସଂପର୍କରେ ଉଲ୍ଲେଖ ରହିଛି ଯିଏକି ହିମାଳୟରେ ବସବାସ କରୁଥିଲେ । ତେବେ ୧୮ଶ ଶତାବ୍ଦୀରେ ପୃଥ୍ୱୀ ନାରାୟଣ ଶାହା ନାମକ ଗୋର୍ଖା ରାଜା ବର୍ତ୍ତମାନର ନେପାଳକୁ ସଂଗଠିତ କରି ଶାସନ କରିଥିଲେ । ଅନେକ ଯୁଦ୍ଧ ଏବଂ ପ୍ରତିରୋଧର ସମ୍ମୁଖୀନ ହୋଇ କୀର୍ତ୍ତିପୁର ଯୁଦ୍ଧରେ ବିଜୟୀ ହେବାପରେ ୧୭୬୯ରେ ସେ କାଠମାଣ୍ଡୁକୁ ଅଧିକାର କରିଥିଲେ । ଖ୍ରୀପୂ ୩ୟ ଶତାବ୍ଦୀରେ ଲଚ୍ଛାବୀ କାଳରୁ କାଠମାଣ୍ଡୁ ସଂପର୍କରେ ଉଲ୍ଲେଖ ମିଳୁଛି । ୧୪ଶ ଶତାବ୍ଦୀରେ ମୈଥିଳୀ ରାଜା ଜୟସ୍ଥିତ ମଲ୍ଲ (୧୩୫୪-୯୫) ହିଁ ନେପାଳର ସାମାଜିକ ବ୍ୟବସ୍ଥାକୁ ସଂଗଠିତ କରିଥିଲେ, ଯାହା ନେପାଳ ରାଷ୍ଟ୍ରଶାସ୍ତ୍ରରୁ ଜଣାପଡ଼େ । ଗୋର୍ଖା ରାଜା ପୃଥ୍ୱୀ ନାରାୟଣ କାଠମାଣ୍ଡୁ ଦଖଲ କଲାପରେ ସେଠାରୁ ଖ୍ରୀଷ୍ଟିଆନ କାପୁଚିନ ମିଶନାରୀଙ୍କୁ ପଟନରୁ ତଡ଼ି ଦେଇ ଦେଶକୁ ଅସଲ ହିନ୍ଦୁସ୍ଥାନର ପରିଚୟ ଦେଇଥିଲେ । ସେବେଠୁ ନେପାଳର ହିନ୍ଦୁରାଷ୍ଟ୍ର ପରିଚୟ ରହିଆସିଥିଲା । ସମ୍ବିଧାନ ଗୃହୀତ ହେବାପରେ କମ୍ୟୁନିଷ୍ଟ ଶାସନ ନେପାଳରେ ଆସିଲା । କିନ୍ତୁ ଅନେକ କମ୍ୟୁନିଷ୍ଟ ଗୋଷ୍ଠୀଙ୍କ ମଧ୍ୟରେ କ୍ଷମତା କନ୍ଦଳ ଯୋଗୁ ଶାସନଗତ ଅସ୍ଥିରତା, ପଡ଼ୋଶୀ ଭାରତ ସହ ଦ୍ୱନ୍ଦ୍ୱ ସୃଷ୍ଟିହେଲା । ଫଳରେ ନେପାଳ ପ୍ରତି ଭାରତର ଆଗ୍ରହ ହ୍ରାସ ପାଇବାରୁ ସେଠାରେ ଯୋଗାଣଗତ ସଙ୍କଟ ସୃଷ୍ଟି ହେଲା । କିଛିଦିନ ପାଇଁ କମ୍ୟୁନିଷ୍ଟମାନେ ଚୀନ ଆଧାରିତ ଯୋଗାଣ ମାଧ୍ୟମକୁ ଗୁରୁତ୍ୱ ଦେବାକୁ ଯାଇ ଅନେକ ଋଣ ପାଇବାକୁ ପାକିସ୍ଥାନ ପରି ଚୀନର ବିଆର୍‌ଆଇ ଯୋଜନାରେ ସାମିଲ ହେଲେ । ଚୀନ ନେପାଳକୁ ଅନେକ ଲୋଭନୀୟ ସ୍ୱପ୍ନ ଦେଖାଇ ସୀମା ଅଞ୍ଚଳକୁ ମାଡ଼ିବସିଲା, ତ୍ରୁଟିପୂର୍ଣ୍ଣ ବିମାନ ଯୋଗାଇ ନେପାଳର କ୍ଷତିକଲା । ପାକିସ୍ଥାନ, ଶ୍ରୀଲଙ୍କା ଏବଂ ମାଳଦ୍ୱୀପ ପରି ସମସ୍ୟା ଦେଖିବା ପରେ ନେପାଳୀ ଲୋକେ ଏବେ ଚୀନର ଋଣଯନ୍ତା ନୀତି ବିରୋଧରେ ମୁଣ୍ଡ ଟେକିଛନ୍ତି । ଅନେକ କ୍ଷମତାଲୋଭୀ ଛୋଟ ଗୋଷ୍ଠୀର ନେତାଙ୍କ ତୁଳନାରେ ଜଣେ ଶକ୍ତିଶାଳୀ ନେତାଙ୍କୁ ଗ୍ରହଣ କରିବାକୁ ପୁନର୍ବାର ରାଜପରିବାର ଦାୟିତ୍ୱରେ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ଚାଲୁରହିବା ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି । ଭାରତରେ ଉତ୍ତର ପ୍ରଦେଶର ନାଥ ସନ୍ନ୍ୟାସୀ ଆଦିତ୍ୟନାଥ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନରେ ଦେଶର ବିକାଶକୁ ସେଠାକାର ରାଷ୍ଟ୍ରଭକ୍ତ ଲୋକେ ପ୍ରଶଂସା କରି ନେପାଳକୁ ପୁନର୍ବାର ହିନ୍ଦୁରାଷ୍ଟ୍ର ଘୋଷଣା କରିବାକୁ ଦାବି କରିଛନ୍ତି । ୩୦ ନଭେମ୍ବର ୨୦୨୧ରେ ରାଷ୍ଟ୍ରୀୟ ଶକ୍ତି ନେପାଳ ପକ୍ଷରୁ ଏଥିପାଇଁ ଆନ୍ଦୋଳନ ମାଧ୍ୟମରେ ଦାବି ଉଠାଯାଇଥିଲା । ରାଷ୍ଟ୍ରୀୟ ପ୍ରଜାତାନ୍ତ୍ରିକ ପାର୍ଟିର ଯୁବଶାଖା ବାଗମତିର ନେତା ଦାମୋଦର ୱାଗଲେ ହିନ୍ଦୁରାଷ୍ଟ୍ର ନେପାଳର ଦାବିକୁ ସମର୍ଥନ ଜଣାଇଛନ୍ତି । ହିନ୍ଦୁ ପ୍ରଜାତାନ୍ତ୍ରିକ ପାର୍ଟି ୨୦୦୮ରୁ ଏ ଦିଗରେ କାର୍ଯ୍ୟ କରିଆସୁଛି । ଅଗଷ୍ଟ ୨୦୨୧ରେ ପୂର୍ବତନ ନେପାଳୀ ସେନାଧକ୍ଷ ରୁକମାନଗୁଡ କଟୱାଲଙ୍କ ନେତୃତ୍ୱରେ ହିନ୍ଦୁରାଷ୍ଟ୍ର ସ୍ୱାଭିମାନ ଜାଗରଣ ଅଭିଯାନ ହୋଇଥିଲା । ତା ପୂର୍ବରୁ ୨୦ଟି ହିନ୍ଦୁ ସଂଗଠନ ତାନାହିଁ ଜିଲ୍ଲାର ଦେବଘାଟଠାରେ ହିନ୍ଦୁରାଷ୍ଟ୍ର ଦାବି ଉଠାଇଥିଲେ । ୨୦୧୫ରେ ଯୋଗୀ ଆଦିତ୍ୟନାଥ ସାଂସଦ ଥିଲାବେଳେ ନେପାଳର ହିନ୍ଦୁରାଷ୍ଟ୍ର ପରିଚୟକୁ ସୁରକ୍ଷିତ ରଖିବାପାଇଁ ଅନେକ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ । ରାଜା ଜ୍ଞାନେନ୍ଦ୍ରଙ୍କ ନିମନ୍ତ୍ରଣକ୍ରମେ ୨୦୧୬ରେ ସେ ନେପାଳ ଗସ୍ତରେ ଯାଇ ପୁନର୍ବାର ନିଜମତ ଦୋହରାଇଥିଲେ । ଗତବର୍ଷ ଜାନୁଆରୀ ୨୦୨୧ରେ ୨୩ହଜାର ଲୋକଙ୍କ ଏକ ଶୋଭାଯାତ୍ରାରେ ଦେଶର ରକ୍ଷାପାଇଁ ଆବଶ୍ୟକ ରାଜଶାସନ-ସ୍ଲୋଗାନ ଦିଆଯାଇଥିଲା । ପୃଥିବୀରେ ୨୦୪ ଦେଶ ମଧ୍ୟରୁ ଅନେକ ଖ୍ରୀଷ୍ଟିଆନ ଓ ମୁସଲିମ ରାଷ୍ଟ୍ର ଥିଲାବେଳେ ନେପାଳ, ଭୁଟାନ ଓ ଭାରତକୁ କାହିଁକି ହିନ୍ଦୁରାଷ୍ଟ୍ରର ମାନ୍ୟତା ମିଳିପାରିବନି ବୋଲି ପୁରୀ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ ଏକଦା ପ୍ରଶ୍ନ କରିଥିଲେ ।

ନିକଟରେ କାଠମାଣ୍ଡୁରେ ବିଶ୍ୱ ହିନ୍ଦୁ ଫେଡେରେସନର କାର୍ଯ୍ୟକ୍ରମରେ ନେପାଳ, ଭାରତ, ବଙ୍ଗଳାଦେଶ, ଶ୍ରୀଲଙ୍କା, ମାଲେସିଆ, ଆମେରିକା, ଜର୍ମାନୀ, ବ୍ରିଟେନ ଆଦି ରାଷ୍ଟ୍ରରୁ ୧୫୦ରୁ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ । ସେହି କାର୍ଯ୍ୟକ୍ରମରେ ନେପାଳ ପର୍ଯ୍ୟଟନ ମନ୍ତ୍ରୀ ପ୍ରେମ ଅଲେ ନେପାଳ ହେବ ହିନ୍ଦୁରାଷ୍ଟ୍ର- ଘୋଷଣା କରି ପୁନର୍ବାର ହିନ୍ଦୁରାଷ୍ଟ୍ର ଚର୍ଚ୍ଚାକୁ କେନ୍ଦ୍ରସ୍ଥଳୀକୁ ନେଇ ଆସିଛନ୍ତି ।

*-ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ବିଜୁଙ୍କ ରାଜନୀତିକମାନସ ପୁତ୍ର ଥିଲେ ନଳିନି





ଏମିତି କେତେକ ଯୋଗଜନ୍ମା ଅଛନ୍ତି, ଯେଉଁମାନେ ସମସାମୟିକ ବ୍ୟକ୍ତିମାନଙ୍କ ଠାରୁ ଅଧିକ ଯଶ-ଖ୍ୟାତିର ଅଧିକାରୀ ହୋଇଥାନ୍ତି ଓ ଅଜାତଶତ୍ରୁର ଆଖ୍ୟା ପାଇଥାନ୍ତି । ଏମିତି ଜଣେ ବ୍ୟକ୍ତିତ୍ୱ ଥିଲେ, ନଳିନି କାନ୍ତ ମହାନ୍ତି । ରାଜନୈତିକ ନେତାଙ୍କ ପାଖରୁ ଆରମ୍ଭ କରି ସାଧାରଣ ଲୋକେ ତାଙ୍କୁ ଖୁବ୍ ଶ୍ରଦ୍ଧା ଓ ସମ୍ମାନ କରନ୍ତି । ଚାରି ଦଶନ୍ଧି ଧରି ଓଡ଼ିଶା ରାଜନୈତିକ ଜଗତକୁ ପ୍ରଭାବିତ କରିଥିବା ସେହି ଲୋକପ୍ରିୟ ନେତା ନଳିନି ୧୦ ବର୍ଷ ତଳେ ମାତ୍ର ୬୩ ବର୍ଷ ବୟସରେ ଆମକୁ ଛାଡ଼ି ବହୁ ଦୂରକୁ ଚାଲି ଗଲେଣି । ୧୯୭୧-୭୨ ମସିହାର ପ୍ରଳୟଙ୍କରୀ ସାମୁଦ୍ରିକ ମହାପ୍ଲାବନରେ ରାଜନଗର ଓ ମହାକାଳପଡ଼ାରେ ଅନେକ ଧନ, ଜୀବନ ନଷ୍ଟ ହେବା ସହ ସାରା ଅଂଚଳ ଧ୍ୱସ୍ତବିଧ୍ୱସ୍ତ ହୋଇ ଯାଇଥିଲା । ସେତେବେଳେ ସ୍ଥାନୀୟ ବିଧାୟକ ବିଜୁ ପଟ୍ଟନାୟକଙ୍କ ଆହ୍ୱାନରେ ସମସ୍ୟା ପୀଡ଼ିତ ଲୋକଙ୍କ ସେବାରେ ମାତ୍ର ୨୨ବର୍ଷ ବୟସରେ ନିଜକୁ ଉତ୍ସର୍ଗ କରିଥିଲେ ନଳିନି କାନ୍ତ । ଏହି ସମୟଠାରୁ ବିଜୁବାବୁଙ୍କ ନୀତି ଆଦର୍ଶକୁ ଜୀବନର ବ୍ରତ ଭାବେ ଗ୍ରହଣ କରି ନିଜର ରାଜନୈତିକ ଜୀବନକୁ ଆଗେଇ ନେଇଥିଲେ ନଳିନି । ସେ ଥିଲେ ବିଜୁବାବୁଙ୍କ ରାଜନୈତିକ ମାନସ ପୁତ୍ର । ସେତେବେଳେ ଓଡ଼ିଶାର ଅବସ୍ଥା ସବୁ କ୍ଷେତ୍ରରେ ସାଂଘାତିକ ଥିଲା । ବିଜୁବାବୁ ନଳିନି, ଶ୍ରୀକାନ୍ତ,ବିଜୟ, ଅଶୋକଙ୍କ ଭଳି ଯୁବ ନେତୃତ୍ୱକୁ ନେଇ ବିକଶିତ ଓଡ଼ିଶାର ସ୍ୱପ୍ନ ଦେଖିଥିଲେ । ଫଳସ୍ୱରୂପ ୧୯୯୦ ମସିହାରେ ଦ୍ୱିତୀୟ ଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇ ଥିଲେ ବିଜୁବାବୁ । ନିଜ ମନ୍ତ୍ରୀମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ପୂର୍ତ୍ତ, ଗୃହ ଓ ନଗର ଉନ୍ନୟନ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ଭାବେ ନଳିନିଙ୍କୁ ଦାୟୀତ୍ୱ ଦେଇଥିଲେ ବିଜୁବାବୁ । ୧୯୯୦ରୁ ୧୯୯୫ ମଧ୍ୟରେ ହିଁ ନଳିନିଙ୍କର ପ୍ରଚଣ୍ଡ ରାଜନୈତିକ ପ୍ରତିଭା ସିଧା ଲୋକଲୋଚନକୁ ଆସିଥିଲା । ଯେହେତୁ ତାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାରା ଓଡ଼ିଶାରେଆରମ୍ଭ ହୋଇଥିଲା ନିର୍ମାଣ ଯୁଗ । ରାସ୍ତାଘାଟ ପାଖରୁ ଆରମ୍ଭ କରି ନଦୀସେତୁ, ବିଭିନ୍ନ ସରକାରୀ ଗୃହ ଆଦି ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ ଚାଲିଥିଲା ।

ନଳିନି ଏକଧାରାରେ ଥିଲେ ଜଣେ ପ୍ରଚଣ୍ଡ ରାଜନୈତିକ ଜ୍ଞାନର ଅଧିକାରୀ, ସୁସଂଗଠକ, ଅମାୟିକ, ପରୋପକାରୀ ଓ ବନ୍ଧୁବତ୍ସଳ । ପ୍ରତି ମଣିଷକୁ ଆପଣାର କରିବାର କୌଶଳରେ ସେ ନିପୁଣ ଥିଲେ । ଦଳମତ ନିର୍ବିଶେଷରେ ସବୁ ନେତା ଓ ସାଧାରଣ ମଣିଷକୁ ସେ ବନ୍ଧୁ ଭାବରେ ଗ୍ରହଣ କରୁଥିଲେ । ସେଥିପାଇଁ ସେ ସାରା ଓଡ଼ିଶାର ଜନପ୍ରିୟ ନେତା ହୋଇ ପାରିଥିଲେ ଓ ତାଙ୍କ ଦେହାନ୍ତ ପରେ ଦଳମତ ନିର୍ବିଶେଷରେ ସବୁ ନେତା ତାଙ୍କୁ ଅଜାତଶତ୍ରୁ ଆଖ୍ୟା ଦେଇଥିଲେ । ବାସ୍ତବରେ ସେ କାହାକୁ ନିଜର ଶତ୍ରୁ ବୋଲି ଭାବୁନଥିଲେ ଓ ସମସ୍ତଙ୍କୁ ସେ ବନ୍ଧୁତା ରଜ୍ଜୁରେ ବାନ୍ଧୁଥିଲେ । ସେଦିନ ତାଙ୍କର ଦେହାନ୍ତ ଖବର ମିଳିବା ପରେ ସମ୍ ହସ୍ପିଟାଲ୍‌ରେ ଯେଉଁଭଳି ବିଭିନ୍ନ ରାଜନୈତିକ ଦଳର ନେତାଙ୍କ ଭିଡ଼ ଜମିଥିଲା, ତାହା ନଳିନିଙ୍କ ବନ୍ଧୁବତ୍ସଳତାର ଏକ ବଳିଷ୍ଠ ପ୍ରମାଣ । ମୁଖ୍ୟମନ୍ତ୍ରୀଙ୍କ ପାଖରୁ ଆରମ୍ଭ କରି ମନ୍ତ୍ରୀ, ବିଧାୟକ, ସାଂସଦ ଓ ନେତାମାନେ ଶ୍ରଦ୍ଧାଞ୍ଜଳି ଦେବାବେଳେ କେତେଜଣ ତ କୋହ ସମ୍ଭାଳି ନପାରି କାନ୍ଦି ପକାଇଥିଲେ । ବାସ୍ତବରେ ତାଙ୍କର ଆକର୍ଷଣୀୟ ଲୋକପ୍ରିୟତା ଓ ଉତ୍ସର୍ଗୀକୃତ ଜନସେବା ଭଳି ମାନବୀୟ ଗୁଣ ପାଇଁ ସେ ଚିରଦିନ ଓଡ଼ିଶାବାସୀଙ୍କ ଭିତରେ ସ୍ମରଣୀୟ ହୋଇ ରହିବେ ।

କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ସବୁଠୁ ଅବହେଳିତ ରାଜନଗର ବ୍ଲକ୍‌ର ଏକ ଅନାମଧେୟ ଗ୍ରାମ ଫିରିକିଦାଣ୍ଡିରେ ୧୯୪୯ ମସିହା ଜାନୁୟାରୀ ୨୦ ତାରିଖରେ ଜନ୍ମିତ ନଳିନି ଛାତ୍ର ଜୀବନରୁ ସମାଜସେବାରେ ବ୍ରତୀ ହୋଇଥିଲେ । ବିଜୁ ପଟ୍ଟନାୟକଙ୍କୁ ନିଜର ରାଜନୈତିକ ଗୁରୁ ଭାବେ ଗ୍ରହଣ କରି ସେ ଜଣେ ଦୁର୍ଦ୍ଧର୍ଷ ରାଜନେତା ଭାବେ ନିଜକୁ ପ୍ରତିପାଦିତ କରିଥିଲେ । ଭାରତରେ ଜରୁରୀ ପରିସ୍ଥିତି ବେଳେ ସେ ଜେଲ୍ ଯାଇଥିଲେ । ୧୯୭୭ରେ ସେ ବିଜୁବାବୁଙ୍କ ଆଶୀର୍ବାଦରେ ରାଜନଗର ନିର୍ବାଚନ ମଣ୍ଡଳୀରୁ ଜନତା ପାର୍ଟି ଟିକଟରେ ନିର୍ବାଚିତ ହୋଇ ସକ୍ରିୟ ରାଜନୀତିରେ ପ୍ରବେଶ କରିଥିଲେ । ଏହା ପରେ ୧୯୮୦, ୧୯୮୫, ୧୯୯୦, ୧୯୯୫, ୨୦୦୦, ୨୦୦୪ରେ ସେ ଲଗାତାର ସାତ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ୧୯୯୦ରୁ ୧୯୯୫ ଓ ୨୦୦୦ ରୁ ୨୦୦୧ ପର୍ଯ୍ୟନ୍ତ ପୂର୍ତ୍ତ, ଗୃହ ନିର୍ମାଣ, ନଗର ଉନ୍ନୟନ ଓ ସଂସଦୀୟ ମନ୍ତ୍ରୀଭାବେ ସଫଳତାର ସହ କର୍ତ୍ତବ୍ୟ ସଂପାଦିତ କରିଥିଲେ । ତେବେ ୨୦୦୦ବିଧାନସଭା ନିର୍ବାଚନ ପୂର୍ବରୁ ସେ ବିଜେଡ଼ିରେ ସାମିଲ ହୋଇ ଦଳର କାର୍ଯ୍ୟକାରୀ ସଭାପତି ଦାୟୀତ୍ୱ ଗ୍ରହଣ କରିଥିଲେ ।

ରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାଜନଗର ଓ ମହାକାଳପଡ଼ା ବ୍ଲକ୍ ର ବିକାଶ ପାଇଁ ସେ ଯାହା କରି ଯାଇଛନ୍ତି, ତାହା ହୁଏତ ଆଉ କାହା ଦ୍ୱାରା ସମ୍ଭବ ହୋଇ ନପାରେ । ଲୋକେ ତାଙ୍କୁ ନିଜ ପରିବାରର ସଦସ୍ୟ ଭଳି ଗ୍ରହଣ କରିଥିଲେ । ତାଙ୍କ ସମୟରେ ଉଭୟ ବ୍ଲକ୍ ଅଞ୍ଚଳରେ ଯାତାୟତ, ଜଳସେଚନ, ଶିକ୍ଷା ଓ ଅନ୍ୟାନ୍ୟ କ୍ଷେତ୍ରରେ ବହୁ ଉନ୍ନତି ହେବା ସହ ଅନେକ ବେକାର ଯୁବକ ଯୁବତୀ କର୍ମନିଯୁକ୍ତି ପାଇଥିଲେ । ୧୯୬୭ ଓ ୧୯୭୨ର ସାମୁଦ୍ରିକ ମହାପ୍ଲାବନରେ ରାଜନଗର, ମହାକାଳପଡ଼ା ଓ ପଟ୍ଟାମୁଣ୍ଡାଇର ଅନେକ ଧନ-ଜୀବନ ନଷ୍ଟ ହୋଇଥିବା ବେଳେ ୧୯୮୨ ସାମୁଦ୍ରିକ ଜୁଆରରେ ଉପକୂଳବାସୀଙ୍କର ପ୍ରଭୁତ କ୍ଷୟକ୍ଷତି ହୋଇଥିଲା । ଏହାର ସ୍ଥାୟୀ ସମାଧାନ ପାଇଁ ନଳିନି ନିଷ୍ଠାର ସହ କର୍ଯ୍ୟ କରିଥିଲେ । ତାଙ୍କ ଉଦ୍ୟମରେ ବିଭିନ୍ନ ଗାଁ ଗାଁ ମଧ୍ୟରେ ସଂଯୋଗୀ ରାସ୍ତା, ରାଜନଗର ଅଞ୍ଚଳକୁ ରାଜଧାନୀ ସହ ସଡ଼କ ପଥରେ ସଂଯୋଗ ପାଇଁ ହଂସୁଆ ସେତୁ ନିର୍ମାଣ, ମହାକାଳପଡ଼ାର ସବୁଠୁ ଆବଶ୍ୟକୀୟ ଓର୍ତ୍ତ ଓ ବଢ଼ିହି-ବାବର ସେତୁ ଭଳି ଉଭୟ ବ୍ଲକ୍ ଅଞ୍ଚଳରେ ଶହ ଶହ ସେତୁ ନିର୍ମାଣ, ହଜାର ହଜାର ନଳକୂପ ସ୍ଥାପନ,ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ସୁଦୃଢ଼ୀକରଣ, ଜଳସେଚନ, କୃଷି ଓ କୃଷକର ଉନ୍ନତି ତଥା ସବୁ ବର୍ଗର ଲୋକଙ୍କ ଉନ୍ନତି ନିମନ୍ତେ ଅନେକ ପଦକ୍ଷେପ ନେଇଥିଲେ । ସ୍ଥାନୀୟ ଲୋକଙ୍କ ଆର୍ଥିକ ବିକାଶ ପାଇଁ ତାଙ୍କ ଉଦ୍ୟମରେ୧୯୮୦ ରେ ବରୁଣେଇ ନିକଟସ୍ଥ ଜଗରିଜୋର ଠାରେ ସରକାର ଓ ବିଶ୍ୱବ୍ୟାଙ୍କ୍‌ର ମିଳିତ ସହାୟତାରେ ଏକ ନଡ଼ିଆ ଚାଷ ପ୍ରକଳ୍ପ ଓ ୧୯୯୪ରେ ସେହି ସ୍ଥାନରେ ବିଶ୍ୱବ୍ୟାଙ୍କ୍ ସହାୟତାରେ ଏକ ଚିଙ୍ଗୁଡ଼ି ଚାଷ ପ୍ରକଳ୍ପ ଆରମ୍ଭ କରାଯାଇଥିଲା ।

ବାସ୍ତବରେ ମଣିଷ ପରି ମଣିଷଟିଏ ଥିଲେ ସିଏ, କୋଟିକରେ ଗୋଟିଏ । ଆଜି ମଧ୍ୟ ତାଙ୍କୁ ଭଲ ପାଉଥିବା ଲୋକଙ୍କ ଆଖିରୁ ଲୁହ ଝରୁଛି । ପିଲାଟି ବେଳୁ ମୁଁ ତାଙ୍କ ସହିତ ମିଶି ଆସିଛି । ମୁଁ ଅଭିଭୂତ ହୋଇଛି ତାଙ୍କର ଅମାୟିକତ୍ୱ ଓ ମଣିଷ ପଣିଆ ଦେଖି । ଆହା, ନିର୍ଲିପ୍ତ ମଣିଷଟିଏ ! ମାନବିକତାର ପ୍ରଲେପ ସ୍ୱଷ୍ଟ ବାରି ହୋଇଯାଏ ତାଙ୍କ ଭିତରେ । ହୁଏତ ସେ ଜୀବନର ଆରମ୍ଭରୁ ବୁଝିଥିଲେ ମଣିଷ ଭିତରର ଭାବ-ଅଭାବ ଓ ଆବଶ୍ୟକତାକୁ । ସବୁବେଳେ ସେ ଜଣାପଡ଼ନ୍ତି ଯେମିତି ସବୁଥିରେ ଥାଇ କୋଉଥିରେ ନଥାନ୍ତି, ଲୋଭ, ମୋହ, ମାୟା,ବିଳାସର ବହୁ ଉର୍ଦ୍ଧ୍ୱରେ ! ସ୍ଥିତପ୍ରଜ୍ଞ ସାଧୁଟିଏ ଭଳି ! ତାଙ୍କଠାରେ ନଥିଲା ଜଣେ ପ୍ରଭାବଶାଳୀ ରାଜନୀତିଜ୍ଞର ବେଶପୋଷାକ, ଚାଲିଚଳନୀ କି ଆଭିଜାତ୍ୟ ! ତାଙ୍କର ସାଧାରଣ ପୋଷାକ ତଳେ ଲୁକ୍କାୟିତ ମଣିଷତ୍ୱ ଅଭିଭୂତ କରୁଥିଲା ସବୁ ବର୍ଗର ଲୋକଙ୍କୁ । ସମସ୍ତଙ୍କ ପାଇଁ ସେ ପାଲଟି ଯାଇଥିଲେ ଯେମିତି ଦରଦୀ ରାଜନୀତିକ ନେତା ବା ଏକ ସଫଳ ମଣିଷର ସଜ୍ଞା । ସାଧାରଣ ଲୋକଙ୍କ ସହ ତାଙ୍କର କଥାବାର୍ତ୍ତା ଓ ଭେଟ ବେଳେ ଦେଖାଯାଏ ସେମାନଙ୍କ ଭିତରେ ସୃଷ୍ଟ ସଂପର୍କ ବାସ୍ତବ ଆଉ ମଣିଷକୁ ମଣିଷ ଭଲ ପାଇବାର ଏକ ଶ୍ରେଷ୍ଠ ନିଦର୍ଶନ । ସେତିକିବେଳେ ସେ ଭୁଲିଯାଆନ୍ତି ନିଜକୁ, ନିଜ ପ୍ରଚଣ୍ଡ ରାଜନୀତିକ ପ୍ରତିଭାକୁ, ପଦବୀକୁ ଓ ନିଜ କାର୍ଯ୍ୟବ୍ୟସ୍ତ ଜୀବନକୁ । ମୃତ୍ୟୁ ଚିରନ୍ତନ ସତ୍ୟ । ଏହା ଯେତେ ନିଷ୍ଠୁର ଓ କଠୋର ଲାଗିଲେ ବି ସମସ୍ତେ ଗ୍ରହଣ କରିବାକୁ ବାଧ୍ୟ । ଭଗବାନ ଯାହାକୁ ବେଶୀ ଭଲ ପାଆନ୍ତି, ତାକୁ ନିଜ ପାଖକୁ ଶୀଘ୍ର ନେଇଯାଆନ୍ତି ବୋଲି ଧାରଣା ରହିଛି । ତାଙ୍କ କ୍ଷେତ୍ରରେ ସେଇଆ ଘଟିଲା ବୋଲି ଆମେ ଭାବୁଛୁ । ତାଙ୍କର ପାର୍ଥିବ ଶରୀର ସିନା ପଂଚଭୂତରେ ଲୀନ ହୋଇ ଯାଇଛି, ହେଲେ ତାଙ୍କର ବନ୍ଧୁ ବତ୍ସଳତା, କର୍ତବ୍ୟ ପରାୟଣତା ଓ ହସ ହସ ମୁହଁ ତାଙ୍କୁ ଚିରଦିନ ପାଇଁ ଅମର କରି ରଖିବ ।

**ଶରତ କୁମାର ରାଉତ,** ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ମୋ: ୯୩୩୭୩୬୯୪୪୮




# ମୋ ଓଡ଼ିଶା

## ଫସ୍‌ଫରିକ୍ ଏସିଡ୍ ଉତ୍ପାଦନରେ ପାରାଦୀପ ଇଫକୋ ୟୁନିଟ୍‌ର ରେକର୍ଡ

ପାରାଦୀପ (ପିଏନ୍)- ଚଳିତ ୨୦୨୧-୨୨ ବର୍ଷ ପାଇଁ ଫସ୍‌ଫରିକ୍ ଏସିଡ୍ ଉତ୍ପାଦନ କ୍ଷେତ୍ରରେ ପାରାଦୀପ ଇଫକୋ ପାରାଦୀପ ୟୁନିଟ୍ ରେକର୍ଡ ସୃଷ୍ଟି କରିଛି । ପ୍ରତିଦିନ ୨୬୫୦ ଟନ୍ ଫସଫେଟ୍ ପାରାଦୀପ ଇଫକୋ ୟୁନିଟ୍ ରେ ଉତ୍ପାଦନ ହେଉଥିବା ନେଇ ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ସୂଚନା ମିଳିଛି । ସମଗ୍ର ବିଶ୍ୱରେ ଗୋଟିଏ ୟୁନିଟ୍ ରେ ରେକର୍ଡ ସଂଖ୍ୟକ ୮୦୫,୦୦୦ ଟନ୍ ଫସ୍‌ଫରିକ୍ ଏସିଡ୍ ଉତ୍ପାଦନ କରି ଇଫକୋ ପାରାଦୀପ ୟୁନିଟ୍ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି । ଏହା ଦ୍ୱାରା ଡିଏପି,ଏନ୍.ପି.ଏସ୍. ଉତ୍ପାଦନ କ୍ଷେତ୍ରରେ ସହାୟକ ହେବ । ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଭାରତର ମାର୍ଗଦର୍ଶନ ଆଧାରରେ ଇଫକୋ ନିଜକୁ ସ୍ୱାବଲମ୍ବନ କରିପାରିଛି । ଏହି ସଫଳତା ହାସଲ ମହାମାରୀ କୋଭିଡ୍-୧୯ ସମୟରେ ସମଗ୍ର ଦେଶରେ ସାରର ଆବଶ୍ୟକତାକୁ ଉପଲବ୍ଧି କରି ଇଫକୋ ସାର ଉତ୍ପାଦନକୁ ଗୁରୁତ୍ୱ ଦେଇଥିଲା । ସମ୍ପ୍ରତି ଚଳିତ ମାର୍ଚ୍ଚ ମାସରେ ଦିଲ୍ଲୀର ବିଜ୍ଞାନ ଭବନରେ ଇଫକୋ ପାରାଦୀପ ୟୁନିଟ୍ କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଚଳିତ ବର୍ଷ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପାରାଦୀପ ଇଫକୋ ୟୁନିଟ୍ କୁ ଅନେକ ପୁରସ୍କାର ହାସଲ କରିପାରିଛି ।। ବିଭିନ୍ନ ସରକାରୀ ତଥା ବେସରକାରୀ ସଂସ୍ଥା ପକ୍ଷରୁ ଇଫକୋକୁ ଅନେକ ସମ୍ମାନ ପ୍ରଦାନ କରାଯାଇଛି ।

## ପାରାଦୀପ ବାର୍ ଆସୋସିଏସନ୍ ନିର୍ବାଚନ- ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦରେ ନିର୍ବାଚିତ

ପାରାଦୀପ- ପାରାଦୀପ ବାର୍ ଆସୋସିଏସନ୍‌ର ସମସ୍ତ ପଦବୀ ପାଇଁ ପ୍ରାର୍ଥୀମାନେ ନିଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ନେଇ ନିର୍ବାଚନ ଅଧିକାରୀ ଗୋରାଚାନ୍ଦ ସିଂ ସୂଚନା ଦେଇଛନ୍ତି । ସଭାପତି ଭାବେ ହେମନ୍ତ କୁମାର ସାହୁ, ଉପସଭାପତି(ପ୍ରଶାସନ) କୈଳାସ ଚନ୍ଦ୍ର ସାହୁ, ଉପସଭାପତି (ସଙ୍ଗଠନ) ବସନ୍ତ କୁମାର ବିଶ୍ୱାଳ,ସାଧାରଣ ସମ୍ପାଦକ-ତପନ କୁମାର ଦାଶ, ସମ୍ପାଦକ(ପ୍ରଶାସନ) ଗୋଲକ ବିହାରୀ ସୂତାର, ସମ୍ପାଦକ(ସଙ୍ଗଠନ)-ରବିନ୍ଦ୍ର କୁମାର ଜେନା, ସମ୍ପାଦକ(ଲାଇବ୍ରେରୀ)- ପ୍ରଶାନ୍ତ କୁମାର ଦାସ, କୋଷାଧ୍ୟକ୍ଷ ଗୋପିନାଥ ମଲ୍ଲ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ସୁଜିତ କୁମାର ମହାନ୍ତି, ପ୍ରମୋଦ କୁମାର ମିଶ୍ର, ସଂଜୟ କୁମାର ମିଶ୍ର, ସରୋଜ କୁମାର ନାଥ, ହେମନ୍ତ କୁମାର ପରିଡା ଓ ରବି ନାରାୟଣ ସ୍ୱାଇଁ ନିର୍ବାଚିତ ହୋଇଛନ୍ତି । ବିଜୟୀ ସଦସ୍ୟମାନଙ୍କୁ ପାରାଦୀପ ବାର୍ ଆସୋସିଏସନ୍‌ର ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି ।

## ପୂର୍ଣ୍ଣାନନ୍ଦ ମିଶ୍ର ସ୍ମୃତି ପାଠାଗାର ଓ ପଠନ କକ୍ଷରେ ଉତ୍କଳ ଦିବସ ପାଳନ

ଯାଜପୁର (ପିଏନ୍): ପୂର୍ଣ୍ଣାନନ୍ଦ ମିଶ୍ର ସ୍ମୃତି ପାଠାଗାର ଓ ପଠନ କକ୍ଷ ପରିସରରେ ସଭାପତି କହ୍ନାଇ ଚରଣ ମହନ୍ତିଙ୍କ ସଭାପତିତ୍ୱରେ ଉତ୍କଳ ଦିବସ ପାଳିତ ହୋଇଯାଇଅଛି। କାର୍ଯ୍ୟକ୍ରମ ଆରମ୍ଭରେ ଯୁଗ୍ମ ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁଷ୍ପକାନ୍ତ ମଲ୍ଲିକ, ସରତ ଚନ୍ଦ୍ର ମହାରଣା, ଧନଞ୍ଜୟ କେଶରୀ ରାଉତରା, ଜଗନ୍ନାଥ ଧଳ, ବିରଜା ସ୍ୱାଇଁ, ଗଦାଧର ରାଉତରା, ନବକିଶୋର ଦାସ ଉତ୍କଳ ଦିବସ ଉପରେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛତିଶ ଚନ୍ଦ୍ର ଦାସ, ବିଷ୍ଣୁ ଚରଣ ବିହାରୀ, କରୁଣାକର ନାୟକ, ସୁପ୍ରଭା ନାୟକ, ଅଜୟ କୁମାର ଦାସ, ବୃନ୍ଦାବନ ମିଶ୍ର, ଦେବାଶିଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସର୍ବଶେଷରେ ପାଣ୍ଡବ ଚରଣ ସାହୁ ବକ୍ତବ୍ୟ ରଖିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ନବଜାତ ଶିଶୁମାନଙ୍କ ଚକ୍ଷୁ ପରୀକ୍ଷା



କେନ୍ଦୁଝର (ପିଏନ୍): ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍.ବି.ଏସ୍.କେ) ଏବଂ ଭୁବନେଶ୍ୱରର ଥିବା ଏଲ୍.ଭି ପ୍ରସାଦ ଚକ୍ଷୁ ଚିକିତ୍ସାଳୟ ସହଯୋଗରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଏସ୍.ଏନ୍.ସି.ୟୁରେ ତା୦୮.୦୪.୨୦୨୨ରିଖ ଦିନ କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକ୍ ସମେତ ମୟୂରଭଞ୍ଜ ଏବଂ ଯାଜପୁର ଜିଲ୍ଲାରୁ ଆସିଥିବା ୨୯ ଜଣ ନବଜାତ ଶିଶୁମାନଙ୍କୁ ବିନା ମୂଲ୍ୟରେ ଏଲ୍.ଭି. ପ୍ରସାଦ୍ ଚକ୍ଷୁ ଚିକିତ୍ସାଳୟରୁ ଆସିଥିବା ଚକ୍ଷୁ ବିଶେଷଜ୍ଞଙ୍କ ଦ୍ୱାରା ଚକ୍ଷୁ ପରୀକ୍ଷା ସମ୍ପାଦନ କରାଯାଇଛି । ଉକ୍ତ ଚକ୍ଷୁ ପରୀକ୍ଷା ଦ୍ୱାରା ଶିଶୁମାନଙ୍କଠାରେ ମିଳିଥିବା ଚକ୍ଷୁଜନିତ ସମସ୍ୟାର ଉତ୍ତମ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥିତ ଏଲ୍.ଭି. ପ୍ରସାଦ ଚିକିତ୍ସାଳୟକୁ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ପଠାଯାଇ ତାଙ୍କୁ ବିନା ମୂଲ୍ୟରେ ଚିକିତ୍ସା ଯୋଗାଇଦିଆଯିବ ଏବଂ ଏହିପରି ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଅନୁଷ୍ଠିତ ହେବ ବୋଲି ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର କିଶୋର କୁମାର ପୃଷ୍ଟି କହିଥିଲେ । ଏହି କାର୍ଯ୍ୟକ୍ରମକୁ ଆର୍.ବି.ଏସ୍.କେ. ମ୍ୟାନେଜର ବିଜନ କୁମାର ସାହୁ ପରିଚାଳନା କରିବା ସହିତ ଡିଆଇଇସି ଏବଂ ଏସ୍‌ଏନ୍‌ସିୟୁର କର୍ମଚାରୀ ଉପସ୍ଥିତ ରହି ଚକ୍ଷୁ ପରୀକ୍ଷାରେ ସହଯୋଗ କରିଥିଲେ ।

## ସୁନାହାର ଫେରାଇଲେ ସ୍ୱେଚ୍ଛାସେବୀ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଇନ୍ଦୁପୁର ପଞ୍ଚାୟତରେ ଚାଲିଥିବା ବାରୁଣୀ ମେଳାରେ ବୁଡ ପକାଇବାକୁ ଆସିଥିବା ଜଣେ ମହିଳାଙ୍କ ହଜିଯାଇଥିବା ସୁନାହାର ଫେରାଇ ସ୍ୱେଚ୍ଛାସେବୀ ଗୌତମ କୁମାର ସାହୁ ଚର୍ଚ୍ଚାକୁ ଆସିଛନ୍ତି। ତାଙ୍କୁ ପୋଲିସ ପ୍ରଶାସନ ଓ ଜନସାଧାରଣ ବେଶ ପ୍ରସଂଶା କରିବା ସହ ସାଧୁବାଦ ଜଣାଇଛନ୍ତି। ସୂଚନା ଅନୁଯାୟୀ ଇନ୍ଦୁପୁରକୁ ବାରୁଣୀ ବୁଡ଼ ପକାଇବାକୁ ଭଦ୍ରକ ଧାମନଗରୁ ସନ୍ଧ୍ୟାରାଣୀ ନାୟକ ନାମକ ଜଣେ ମହିଳା ଆସିଥିଲେ। ସନ୍ଧ୍ୟାରାଣୀଙ୍କ ବାପଘର ନିକିରାଇରେ ହୋଇଥିବା ବେଳେ ତାଙ୍କ ଶାଶୁଘର ଭଦ୍ରକରେ। ବାରୁଣୀ ବୁଡ଼ ପାଇଁ ସେ ବାପ ଘରକୁ ଆସିଥିଲେ। ସେ ବ୍ରାହ୍ମଣୀ ନଦୀରେ ବୁଡ଼ ପକାଇବା ବେଳେ ତାଙ୍କ ସୁନାହାର କେଉଁଆଡେ ହଜି ଯାଇଥିବା ସେ ଜାଣିବାକୁ ପାଇଥିଲେ। ସ୍ୱେଚ୍ଛାସେବୀ ଗୌତମ କୁମାର ସାହୁ ମେଳାରେ ସ୍ୱେଚ୍ଛାସେବୀ କାର୍ଯ୍ୟ କରୁଥିଲେ। ଏହି ସମୟରେ ସେ ଏକ ସୁନାହାର ପାଇଥିଲେ। ଏହାକୁ ନେଇ ସେ ସ୍ଥାନୀୟ ପୋଲିସକୁ ଦେଇଥିଲେ। ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେହେରାଙ୍କ ଉପସ୍ଥିତିରେ ସୁନାହାର ହଜିଥିବା ମହିଳା ତାଙ୍କ ସୁନାହାର ଫେରି ପାଇଥିଲେ। ଏ ନେଇ ଏସ୍‌ଡିପିଓ ଗୌତମଙ୍କୁ ବେଶ ପ୍ରସଂଶା କରିଥିଲେ। ଗୌତମଙ୍କ ଏହି କାର୍ଯ୍ୟକୁ ସମାଜିକ ଗଣମାଧ୍ୟମରେ ବେଶ ପ୍ରସଂଶା କରାଯାଇଛି।

## ଅବ୍ୟକ୍ତ ବ୍ରହ୍ମ ଆଶ୍ରମରେ ପୂର୍ଣ୍ଣାହୂତି ଓ ପ୍ରବଚନ

ଯାଜପୁର (ପିଏନ୍): ଯାଜପୁରର ରାମବାଗ ଛକସ୍ଥିତ ଅବ୍ୟକ୍ତ ବ୍ରହ୍ମ ଆଶ୍ରମରେ ଦୀର୍ଘ ୫ଦିନ ଧରି ଚାଲିଥିବା ଯଜ୍ଞର ପୂର୍ଣ୍ଣାହୂତି ହେବା ସଙ୍ଗେ ସଙ୍ଗେ ସ୍ଥାନୀୟ ଶ୍ରଦ୍ଧାଳୁମାନେ ନାରିକେଳ ଓ ଘୃତ ଯଜ୍ଞକୁଣ୍ଡରେ ପ୍ରଦାନ କରିଥିଲେ। ଆଶ୍ରମର ମଠାଧିଶ ଗୟାବାବା ସମସ୍ତ ଭକ୍ତମାନଙ୍କର ମନୋସ୍କାମନା ପୂର୍ଣ୍ଣ କରିବା ନିମନ୍ତେ ଯଜ୍ଞକୁଣ୍ଡରେ ସହସ୍ରାଧିକ ଆହୂତ ମନ୍ତ୍ରଉଚ୍ଚାରଣ ପୂର୍ବକ ଦାନ କରିଛନ୍ତି। ଅନନ୍ତ ବାସୁଦେବଙ୍କର ବଡ଼ସିଂହାର ବେଶ ଓ ଘୋଡଣ ଉପଚାର ପୂଜା, ଭଜନ କୀର୍ତ୍ତନ, ଆଳତୀ ସହ ଶହ ଶହ ଭକ୍ତମାନଙ୍କ ଗହଣରେ ଯଜ୍ଞକର୍ମ ଶେଷ କରାଯାଇଛି। ଏହି ଅବସରରେ ପଣ୍ଡିତ ହୃଷୀକେଶ ପତିଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରବଚନରେ ବିଶିଷ୍ଟ ମାଳିକାକାର ଡା. କାହ୍ନୁ ଚରଣ ମିଶ୍ର ଯୋଗଦେଇ ମାଳିକାରେ ବର୍ଣ୍ଣିତ କଳିଯୁଗର ଶେଷ ପ୍ରାନ୍ତରେ ପୃଥିବୀରେ ଯୁଦ୍ଧର ଘନଘଟା, ପରସ୍ପର ମଧ୍ୟରେ ବିଦ୍ୱେଷ, ନାନାଦି ରୋଗରେ ପୃଥିବୀର ସମସ୍ତ ରାଷ୍ଟ୍ରର ଅଧିବାସୀମାନେ ପ୍ରପୀଡ଼ିତ ହେବା ସହ ସତ୍ୟଯୁଗର ଆଗମନରେ ଅନନ୍ତ ବାସୁଦେବଙ୍କର ଶରଣ ନିମନ୍ତେ ପ୍ରାର୍ଥନା କରିବାକୁ ପ୍ରବଚନ ମାଧ୍ୟମରେ ଆହ୍ୱାନ ଦେଇଥିଲେ। ବିଶିଷ୍ଟ ପ୍ରବଚକ ଅଧିକାରୀ ନବକିଶୋର ଦାସ ବିରଜାକ୍ଷେତ୍ରର ମହିମା ଓ ତାତ୍ପର୍ଯ୍ୟ, ସୁଧର୍ମା ସଭା ଓ ମୁନିରଷିମାନଙ୍କର ଯାଜପୁର କ୍ଷେତ୍ରକୁ ଆଗମନ ତଥା ଜଗନ୍ନାଥ ସଂସ୍କୃତି ସହ ବିରଜାକ୍ଷେତ୍ର ସଂସ୍କୃତିର ସମନ୍ୱୟ ସଂପର୍କରେ ଆଲୋଚନା କରିଥିଲେ। ଏହି ଉପଲକ୍ଷେ ବୈତରଣୀ ନଦୀ ସିଦ୍ଧେଶ୍ୱର ଘାଟ ଠାରୁ ଆଶ୍ରମର ଯଜ୍ଞସ୍ଥଳୀ ପର୍ଯ୍ୟନ୍ତ ୧୦୮ ପୂର୍ଣ୍ଣ କୁମ୍ଭ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଅବ୍ୟକ୍ତ ବ୍ରହ୍ମ ଆଶ୍ରମର ସମସ୍ତ ଶ୍ରଦ୍ଧାଳୁ ଏଥିରେ ଅଂଶ ଗ୍ରହଣ କରିଥିଲେ। ସର୍ବଶ୍ରୀ ନିରାକାର ସାହୁ, ମନୀଷା ସାହୁ, ସୁଶାନ୍ତ ସାହୁ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପଣ୍ଡିତ ଲମ୍ବୋଧର ପାଢ଼ୀ, ମୁଖ୍ୟ ପୁରୋଧା ଭାବେ ଯଜ୍ଞକାର୍ଯ୍ୟ ଓ ପୂର୍ଣ୍ଣାହୂତ ସମାପନ କରିଥିଲେ।

## ପୋଷଣ ଅଭିଯାନ ୨୦୨୨ର ସଚେତନତା ଏବଂ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ

ଖୋର୍ଦ୍ଧା (ପିଏନ୍)- ଭାରତ ସରକାର ଆରମ୍ଭ କରିଥିବା ପୋଷଣ ଅଭିଯାନ ୨୦୨୨ର ସଚେତନତା ବାର୍ତ୍ତା ବାଂଟିବା ଏବଂ ନିଶୁଳ୍କ ଆୟୁଷ ସ୍ୱାସ୍ଥ୍ୟ ଶିବିର ଖୋରଧା ବ୍ଲକ୍ କୁରାଡମଲ୍ଲ ଠାରେ ପାଳିତ ହୋଇଯାଇଛି। ଜିଲ୍ଲା ହୋମିଓପ୍ୟାଥି ଏବଂ ଆର୍ଯ୍ୟୁବେଦ ଚିକିତ୍ସା ଅଧିକାରୀ ପୂର୍ବାଚଂଳ ମଣ୍ଡଳ ଭୁବନେଶ୍ୱର ତରଫରୁ ଆୟୋଜିତ ଏବଂ ଜାତୀୟ ଆୟୁଷ ମିଶନ ଭାରତ ସରକାର ଏବଂ ଆୟୁଷ ନିର୍ଦ୍ଦେଶାଳୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ଓଡ଼ିଶା ସରକାରଙ୍କ ପ୍ରାୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ କୁରାଡମଲ୍ଲ ଗ୍ରାମପଂଚାୟତର ସରପଂଚ ଶ୍ରୀରାମ ପ୍ରସାଦ ମହାନ୍ତି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ହୋମିଓପ୍ୟାଥି ଚିକିତ୍ସାଧିକାରୀଣୀ ଡ଼ାକ୍ତର ବନଶ୍ରୀ ଲେଙ୍କାଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ମୁଖ୍ୟ ହେମିଓପ୍ୟାଥି ଚିକିତ୍ସାଧିକାରୀ ଡ଼ାକ୍ତର ସୁମନା କୁମାରୀ ପଣ୍ଡା ଏବଂ ଜିଲ୍ଲା ମୁଖ୍ୟ ଆର୍ଯ୍ୟୁବେଦ ଚିକିତ୍ସାଧିକାରୀ ଡ଼ାକ୍ତର ରେଣୁପ୍ରଭା ମହାପାତ୍ର ଅତିଥି ଭାବରେ ଯୋଗ ଦେଇ ଗର୍ଭବତୀ ମହିଳା ସ୍ତନ୍ୟପାନ କରାଉଥିବା ମା’, କିଶୋରୀ ବାଳିକା ଏବଂ ଶିଶୁ ମାନଙ୍କର ରକ୍ତହୀନତାର ପ୍ରତିରୋଧ ଏବଂ ଚିକିତ୍ସା ନିମନ୍ତେ ଆୟୁଷ ତଥା ହେମିଓପ୍ୟାଥି ଆର୍ଯ୍ୟୁବେଦର ଭୂମିକା ଶିର୍ଷକ ଆଲୋଚନା କରି ରୋଗୀମାନଙ୍କୁ ତଥା ସ୍ଥାନୀୟ ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ବାଂଟିଥିଲେ। ଆୟୋଜିତ ଏହି ସ୍ୱାସ୍ଥ୍ୟ ଶିବିରରେ ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ରାଜ୍ୟର ସୁନାମ ଧନ୍ୟ ହୋମିଓପ୍ୟାଥି ଡ଼ାକ୍ତର ଆଭାମୟୀ ନାୟକ ଡ଼ାକ୍ତର ଅରୁଣ କୁମାର ମଲ୍ଲିକ, ଡ଼ାକ୍ତର ଚିନ୍ମୟୀ ସାହୁ ଓ ସ୍ଥାନୀୟ କୁରାଢ ମଲ୍ଲର ହୋମିଓପ୍ୟାଥି ଚିକିତ୍ସାଧିକାରୀ ଡ଼ାକ୍ତର ନିବେଦିତା ମିଶ୍ର, ଆର୍ଯ୍ୟୁବେଦର ଡ଼ାକ୍ତର ସୁବ୍ରତ ଛୋଟରାୟ, ଡ଼ାକ୍ତର ସୁଶାନ୍ତ ବିଶୋୟି, ଡ଼ାକ୍ତର ଧନେଶ୍ୱର ସାହୁ ପ୍ରମୁଖଙ୍କ ଦ୍ୱାରା ରୋଗୀମାନଙ୍କୁ ପରୀକ୍ଷା କରାଯାଇ ଆର୍ଯ୍ୟୁବେଦୀ ଓ ହୋମିଓପ୍ୟାଥି ଔଷଧ ମାଗଣାରେ ବଂଟନ କରାଯାଇଥିଲା। ସ୍ଥାନୀୟ ସମାଜ ସେବୀ ପ୍ରକାଶ ଚନ୍ଦ୍ର ପରିଡ଼ା ଶ୍ରୀରଂଜନ ମଙ୍ଗରାଜ, ଗଣେଶ୍ୱର ପରିଡ଼ା, କୈଳାସ ଚନ୍ଦ୍ର ସାମନ୍ତରାୟ, ଦୀପକ ବଳିଆରସିଂହଙ୍କ ସଯୋଗ ଏବଂ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଦିନିକିଆ ଶିବିରରେ ହୋମିଓପ୍ୟାଥି ସହକାରୀ ପ୍ରଭଞ୍ଜନୀ ପାତ୍ର, ରଶ୍ମିତା ସ୍ୱାଇଁ କେଳୁଚରଣ ମାପିସ୍ଥ ଏବଂ ଆର୍ଯ୍ୟୁବେଦ ସହକାରୀ ଶୁଭଶ୍ରୀ ପ୍ରିୟଦର୍ଶନୀ ଓ ହିମାଙ୍ଗିନି ପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସ୍ଥାନୀୟ କୁରାଢମଲ୍ଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ରାଉତ ଅନ୍ୟତମ ଅତିଥି ଭାବରେ ଯୋଗ ଦେଇ ବିଦ୍ୟାଳୟ ତରଫରୁ ସମସ୍ତ ସହଯୋଗ ଯୋଗାଇଥିଲେ।

## ଆଇଏମଏ ଓଡ଼ିଶା ଶାଖା ଓ ଇଣ୍ଡିଆନ ସାଇକାଟ୍ରିକ ସୋସାଇଟି ପକ୍ଷରୁ ଡାକ୍ତର ଅର୍ଚ୍ଚନାଙ୍କ ଦୁଃଖଦ ମୃତ୍ୟୁ ପାଇଁ ପ୍ରତିବାଦ




କଟକ (ପିଏନ୍): କେବଳ ଓଡ଼ିଶାରେ ନୁହେଁ ସର୍ବଭାରତୀୟ ସ୍ତରରେ ଲୋକମାନଙ୍କ ପାଇଁ ଯେତିକ ଡାକ୍ତର ରହିବା କଥା ସେତିକ ସମ୍ଭବ ହୋଇପାରୁନାହିଁ ଏବଂ ସରକାରଙ୍କ ପ୍ରୋତ୍ସାହନ ଅଭାବରୁ ବାଧ ହୋଇ ସେମାନେ ଅନ୍ୟତ୍ର ଚାଲିଯାଉଛନ୍ତି । ରାଜସ୍ଥାନର ଡାକ୍ତର ଅର୍ଚ୍ଚନା ଶର୍ମାଙ୍କ ମୃତ୍ୟୁ ଘଟଣାରେ ଦୃଢ଼ ପ୍ରତିବାଦ କରିଛନ୍ତି ଡାକ୍ତର ଛାତ୍ରଛାତ୍ରୀମାନେ। ଡାକ୍ତରଙ୍କ ଉପରେ ମାନସିକ ଚାପ ଓ ନିର୍ଯାତନା ବନ୍ଦ ହେଉବୋଲି ଦାବି କରିବା ସହିତ ଏହି ଘଟଣାକୁ ଦୃଢ଼ ନିନ୍ଦା କରିଛନ୍ତି। ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ପରିସରରେ ଆଇଏମଏ ଓଡ଼ିଶା ଶାଖା ଓ ଇଣ୍ଡିଆନ ସାଇକାଟ୍ରିକ ସୋସାଇଟିର ମିଳିତ ଆୟୋଜନରେ ସଭାପତି ଡାକ୍ତର ରଜତ ରାୟ, ଇଣ୍ଡିଆନ ସାଇକାଟ୍ରିକ ସୋସାଇଟିର ସର୍ବଭାରତୀୟ ସଭାପତି ଡାକ୍ତର ଏନ୍. ରାଜୁ, ସାଧାରଣ ସମ୍ପାଦକ ଡାକ୍ତର ଅରବିନ୍ଦ ବ୍ରହ୍ମା, ବିଶିଷ୍ଟ ଭେଷଜ ବିଶେଷଜ୍ଞ ତଥା ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ଭେଷଜ ବିଭାଗର ବିଭାଗୀୟ ମୁଖ୍ୟ ଡାକ୍ତର ଜୟନ୍ତ କୁମାର ପଣ୍ଡା, ସମ୍ପାଦକ ଡାକ୍ତର ବ୍ରଜ କିଶୋର ଦାଶ, ସାଧାରଣ ସମ୍ପାଦକ ତଥା ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ସମ୍ରାଟ କର, କୋଷାଧ୍ୟକ୍ଷ ଡାକ୍ତର ମୃତ୍ୟୁଞ୍ଜୟ ମହାପାତ୍ର, ସଭ୍ୟ ଡାକ୍ତର ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ଡାକ୍ତର ଜନ୍ମେଜୟ ମହାପାତ୍ର, ଡାକ୍ତର ଦେବ ପ୍ରସାଦ ମହାନ୍ତି ପ୍ରମୁଖ। ଏହି କାର୍ଯ୍ୟକ୍ରମରେ ଡାକ୍ତର ସମ୍ରାଟ କର ସମର୍ଥନ ଓ ସହଯୋଗ ଦେବା ସହ ଦୁଃଖ ପ୍ରକାଶ କରିଥିଲେ ଓ ସରକାର ତୁରନ୍ତ ଏହା ଉପରେ ନିଷ୍ପତ୍ତି ନିଅନ୍ତୁ ବୋଲି ଦାବୀ କରିଛନ୍ତି।

## ଦାୟିତ୍ୱ ଗ୍ରହଣ କଲେ ବ୍ଲକ ଉପାଧ୍ୟକ୍ଷ ପ୍ରତାପ ମହାପାତ୍ର



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ବ୍ଲକର ନବନିର୍ବାଚିତ ଉପାଧ୍ୟକ୍ଷ ପ୍ରତାପ ମହାପାତ୍ର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ଶ୍ରୀ ମହାପାତ୍ର କହିଛନ୍ତି ଯେ ବିଭିନ୍ନ ପଞ୍ଚାୟତର ଉନ୍ନତି ପାଇଁ ବ୍ଲକ ଅଧ୍ୟକ୍ଷଙ୍କ ସହ ମିଶି କାମ କରିବି। ବର୍ତ୍ତମାନ ଗ୍ରୀଷ୍ମ ପ୍ରକୋପ ବଢି ଚାଲିଛି। ତେଣୁ ଯେଉଁ ପଞ୍ଚାୟତରେ ପାନୀୟ ଜଳର ଅଭାବ ଥିବ ସେହି ପଞ୍ଚାୟତଗୁଡ଼ିକରେ ତୁରନ୍ତ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ। ସେହିପରି ପଞ୍ଚାୟତ ଗୁଡିକରେ ଥିବା ରାସ୍ତା ସମସ୍ୟା, ଷ୍ଟ୍ରୀଟ୍ ଲାଇଟ୍ ସମସ୍ୟା, ଡ୍ରେନ୍ ସମସ୍ୟାର ସମାଧାନ ଯୁଦ୍ଧକାଳୀନ ଭିତ୍ତିରେ କରାଯିବ। ଏଥିସହ ପଞ୍ଚାୟତଗୁଡିକରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ କରାଯିବ। ଶ୍ରୀ ମହାପାତ୍ରଙ୍କୁ ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳୀ ସେଠୀ, ବ୍ଲକ ଅଧ୍ୟକ୍ଷା ରଶ୍ମିତା ସେଠୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାନ୍ତି, ୮ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ରଶ୍ମୀରଞ୍ଜନ ରାଉତ, ୫ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ଲିଲିତା ଦାସ, କୁତରଙ୍ଗ ପଞ୍ଚାୟତର ଯୁବନେତା ନରୋତ୍ତମ ମଲ୍ଲିକ, ଜିଲ୍ଲା ଏସ୍‌ସି ସେଲ ସମ୍ପାଦକ ମାନସ ସେଠୀ ଓ ବିଡିଓ ବନ୍ଦନା ଖଟୁଆ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ।

## ସାପ କାମୁଡାରେ ବାଳିକାର ମୃତ୍ୟୁ

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ଦ୍ୱାରିକାପଶି ଗାଁ ଦୀନବନ୍ଧୁ ସେଠୀଙ୍କ ଝିଅ ଜ୍ୟୋସ୍ନାରାଣୀ ସେଠୀର ସାପ କାମୁଡାରେ ମୃତ୍ୟୁ ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁସାରେ, ଜ୍ୟୋସ୍ନାରାଣୀ ସେଠୀ(୧୨) ଘର ଅଗଣାରେ ପରିବାରର ୪ଜଣ ସଦସ୍ୟଙ୍କ ସହ ଶୋଇଥିବା ସମୟରେ ରାତି ପ୍ରାୟ ୨ଟା ବେଳେ ଏକ ବିଷାକ୍ତ ଚିତି ସାପ କାମୁଡି ଦେଇଥିଲା। ଏକଥା ଜଣାପଡିବା ପରେ ତାଙ୍କୁ ସଂଗେ ସଂଗେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ମୃତ ବାଳିକା ଶବ ବ୍ୟବଚ୍ଛେଦରେ ବିଳମ୍ବ ହେବାରୁ କିଛି ସମୟ ପାଇଁ ମେଡିକାଲ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ଘଟଗାଁ ପୋଲିସ ମୃତ ବାଳିକାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ମାଳ ମାଳ ଇଟାଭାଟି, ପ୍ରଶାସନର ନିଘା ନାହିଁ



ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅଞ୍ଚଳରେ ମାଳ ମାଳ ବେଆଇନ ଇଟାଭାଟି । ପ୍ରଶାସନର ଏଥିପ୍ରତି ନିଘାନାହିଁ । ଯିଏ ଯେଉଁଠି ପାରିଲା ମନଇଛା ଇଟାଭାଟି କରୁଛି । ଅସାଧୁ କର୍ମଚାରୀଙ୍କ ମୁନାଫାଖୋର ମନୋଭାବ ପାଇଁ ଗ୍ରାମାଞ୍ଚଳରେ ଇଟା ବ୍ୟବସାୟ ଏବେ କୁଟୀର ଶିଳ୍ପ ପାଲଟି ଯାଇଥିବା ଅଭିଯୋଗ ହୋଇଛି । ପ୍ରଶାସନର ଅନୁମତିକ୍ରମେ ଜନବସତି ଠାରୁ ଏକ କିମି ଦୂରରେ ଏବଂ ଶୀତଦିନେ ଇଟାଭାଟି ହେବା କଥା । ମାତ୍ର ଇଟା ପ୍ରସ୍ତୁତକାରୀମାନେ ସମସ୍ତ ନୀତି ନିୟମକୁ ଦଳିମକଚି ଗାଁ ମଝିରେ କିମ୍ବା ଜନବସତିର ଅତି ନିକଟରେ ଇଟାଭାଟି କରୁଛନ୍ତି । ଏପରିକି କିଛି ବ୍ୟକ୍ତି ନିଜ ଘରବାଡି ନିକଟରେ ଇଟାଭାଟି କରିଛନ୍ତି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏବେ ଠାରୁ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇ ଯାଇଥିବା ବେଳେ ତାପମାତ୍ରା ୪୦ଡିଗ୍ରି ଛୁଇଁଲାଣି । ଖରା ଗରମ ଅସହ୍ୟ ହେଉଥିବା ବେଳେ ଦିନରାତି ଇଟାଭାଟି ଜଳୁଥିବାରୁ ଏହା ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଅଧିକ କଷ୍ଟଦାୟକ ହୋଇଛି । କେତେକ ପ୍ରଶାସନକୁ ଚକ୍‌ମା ଦେଖାଇ ବିନା ଅନୁମତିରେ ଭାଟି ଲଗାଇଥିବା ବେଳେ ଆଉ କିଛି ବେପାରୀ ନିଜ ଘର ପାଇଁ ଇଟା ତିଆରି କରିବେ ବୋଲି ତହସିଲରୁ ସାମୟିକ ଅନୁମତି ଆଣି ବେଧଡକ ଭାବେ ଇଟା ବେପାର କରୁଛନ୍ତି । ତେବେ ଇଟା ତିଆରି ପାଇଁ ରାଜସ୍ୱ ପୈଠ କରିବା ପରେ ନିୟମାନୁସାରେ ନିଜସ୍ୱ ଜମିରୁ ଚୁକ୍ତି ମୁତାବକ ଆବଶ୍ୟକ ପରିମାଣର ମାଟି ବ୍ୟବହାର କରାଯିବା କଥା । ମାତ୍ର ଇଟା ପ୍ରସ୍ତୁତକାରୀମାନେ ସର୍ବସାଧାରଣ ବ୍ୟବହାର କରୁଥିବା ସରକାରୀ ଜମିରୁ ମନଇଛା ମାଟି ଖନନ କରି ସମତଳ ଜମିକୁ ପୋଖରୀ, ଗଡିଆ କରି ଦେଉଛନ୍ତି । ସେହିପରି ନିକଟସ୍ଥ ନଦୀନାଳରୁ ବାଲି ଚୋରାରେ ଆଣି ବ୍ୟବହାର କରୁଛନ୍ତି । ଏଥିରେ ରାଜ୍ୟ ସରକାରଙ୍କ ବିପୁଳ ପରିମାଣର ରାଜସ୍ୱହାନୀ ହେଉଥିବା ବେଳେ ଇଟା ବେପାରୀ ମାଲାମାଲ୍ ହେଉଛନ୍ତି । ଅନେକ ସମୟରେ ଏସବୁ ସ୍ଥାନରେ ଛୋଟବଡ ଅଘଟଣ ମଧ୍ୟ ଘଟୁଛି । ଗୋରୁଗାଈ ଖାଲରେ ପଡି ମୃତାହତ ହେଉଛନ୍ତି । ଏପରିକି ମାଫିଆମାନେ ଗୋଚର, ଶ୍ମଶାନ ଓ ଦେବୋତର ଜମିକୁ ଜବରଦଖଲ କରି ମାଟି ଉଠାଉଛନ୍ତି । ବର୍ଷା ଋତୁକୁ ଛାଡି ଦେଲେ ଅବଶିଷ୍ଟ ୮ମାସ ଇଟାଭାଟି କରାଯାଉଛି । ବିଶେଷ କରି ଏହି ବେଆଇନ ବେପାର ସ୍ଥାନୀୟ ଅଭୟପୁର, ମଙ୍ଗରାଜପୁର, ବମ୍ଫୁ, ରତନପୁର, ନୀଳାଦେଇପୁର, ଡେରାବର, ପାଟପୁର, ପଲାର ମୌଜା ସମେତ ବିଭିନ୍ନ ଗାଁ ଗହଳିରେ ହେଉଥିବା ଅଭିଯୋଗରେ ଦର୍ଶାଯାଇଛି । ଏ ସଂପର୍କରେ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରା ଯାଉଥିଲେ ମଧ୍ୟ ଏହି ବେଆଇନ ବେପାରକୁ ରୋକା ଯିବା ସମ୍ଭବ ହେଉନାହିଁ । ନିକଟରେ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ ମଙ୍ଗରାଜପୁର ଗ୍ରାମର ଏକ ଇଟା ଭାଟିରେ ଚଢ଼ଉ କରିଥିଲେ ହେଁ, ଏହା ଇଟା ବେପାରୀଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରିନାହିଁ । ଏଥିପ୍ରତି ଯାଜପୁର ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।


**DISPLAY CLASSIFIED**

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ପ୍ରଶାସନକୁ ପଞ୍ଚାୟତକୁ ଡକାଇଲେ ସରପଞ୍ଚ



କେନ୍ଦ୍ରାପଡ଼ା,(ପି.ଏନ): ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନକୁ ପଞ୍ଚାୟତକୁ ଡକାଇଛନ୍ତି ଓସ୍ତପୁର ସରପଞ୍ଚ ପ୍ରସନ୍ନ ରାଉତ । ଏହିଠାରେ ପଞ୍ଚାୟତବାସୀଙ୍କ ବିଭିନ୍ନ ସମସ୍ୟା ଶୁଣିଛି ଉଭୟ ପ୍ରଶାସନ । କେଉଁ ଯୋଗ୍ୟ ହିତାଧିକାରୀ ଭତ୍ତାରୁ ବାଦ ପଡିଛନ୍ତି, କେଉଁ ଯୋଗ୍ୟ ହିତାଧିକାରୀ ଆବାସ ଯୋଜନାର ବାଦ ପଡିଛନ୍ତି ସେମାନଙ୍କ ଠାରୁ ବୟାନ ନେଇ ସେମାନଙ୍କୁ କିପରି ତୁରନ୍ତ ସେବା ଯୋଗାଇ ହେବ ସେ ନେଇ ଜିଲ୍ଲା ପ୍ରଶାସନ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲା । ସେହିପରି କେଉଁ କେଉଁ ଯୋଜନା ପଞ୍ଚାୟତରେ କାର୍ଯ୍ୟକାରୀ ହେବା କଥା ସେ ନେଇ ପ୍ରଶାସନ ଲୋକମାନଙ୍କୁ ଅବଗତ କରିଥିଲା । ଏହି କାର୍ଯ୍ୟକ୍ରମରେ କୃଷି ବିଭାଗ, ମତ୍ସ୍ୟବିଭାଗ, ପ୍ରାଣୀ ସମ୍ପଦ ବିଭାଗ, ମିଶନ ଶକ୍ତି, ସ୍ୱାସ୍ଥ୍ୟ ବିଭାଗ, ବ୍ୟାଙ୍କ ସେବା ବିଭାଗ ପ୍ରମୁଖର ୧୯ଟି ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବୋଲି ସରପଞ୍ଚ ଶ୍ରୀ ରାଉତ ସୂଚନା ଦେଇଛନ୍ତି । ସେ କହିଛନ୍ତି ଆମ ପଞ୍ଚାୟତରେ କିପରି ଲୋକମାନେ ଉତ୍ତମ ସେବା ପାଇ ପାରିବେ ସେ ନେଇ ଆମେ ଜିଲ୍ଲା ପ୍ରଶାସନକୁ ନିବେଦନ କରିଥିଲୁ । ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ନିର୍ଦ୍ଦେଶକ୍ରମେ ୧୯ଟି ସରକାରୀ ବିଭାଗ ଆମ ପଞ୍ଚାୟତକୁ ଆସି ଲୋକଙ୍କ ଠାରୁ ବିଭିନ୍ନ ସମସ୍ୟା ଶୁଣିବା ସହ ଏହାର ସମାଧାନର ସୂତ୍ର ବାହାର କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ, ବିଡିଓ ବନ୍ଦନା ଖଟୁଆ, ଏବିଡିଓ ଅନିରୁଦ୍ଧ ବେହେରା, ତହସିଲଦାର ହେମଲତା ବାହାଲିଆ, ସିଡିପିଓ କବିତା ନାୟକ, ସମିତିସଭ୍ୟା ରାଜ ଅମାନତ, ୧୭ ଜଣ ୱାର୍ଡ ମେମ୍ବର, ନାୟବ ସରପଞ୍ଚ ମମତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଭୁବନେଶ୍ୱର ସାହିତ୍ୟ ପର୍ବ ଉଦ୍‌ଘାଟିତ : ଭାଷା ଓ ସାହିତ୍ୟର ବିକାଶ ପାଇଁ ସରକାରୀ ଉଦ୍ୟମ ଆବଶ୍ୟକ

ଭୁବନେଶ୍ୱର, (ପି.ଏନ): ଭାଷା ଓ ସାହିତ୍ୟର ବିକାଶ ପାଇଁ ସରକାରୀ ଉଦ୍ୟମର ଯଥେଷ୍ଟ ଆବଶ୍ୟକତା ରହିଛି । ମା', ମାଟି ଓ ମାତୃଭାଷା ହେଉଛି ସଂପର୍କର ଭିତି । ସ୍ୱାଧୀନତା ପରବର୍ତୀ ସମୟରେ ଦେଶରେ ପାଶ୍ଚାତ୍ୟ ପ୍ରଭାବ ହେତୁ ମାତୃଭାଷା ଉନ୍ନତିରେ ଉପଯୁକ୍ତ ପଦକ୍ଷେପ ନିଆଯାଇ ପାରିନାହିଁ । ସେଥିପାଇଁ ଭାଷା ଓ ସାହିତ୍ୟର ଉନ୍ନତି ନିମନ୍ତେ ଆନୁଷ୍ଠାନିକ ଓ ବ୍ୟକ୍ତିଗତ ତତ୍ପରତା ତଥା ନିଷ୍ଠା ପ୍ରକାଶ ପାଇବା ଦରକାର ବୋଲି ବିଶିଷ୍ଟ ଭାଷାବିଜ୍ଞାନୀ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ପ୍ରକାଶ କରିଛନ୍ତି । ଶନିବାର ଭୁବନେଶ୍ୱର ସାହିତ୍ୟ ପର୍ବ ଉଦ୍‌ଘାଟନ କରି ଡ. ପଟ୍ଟନାୟକ ଉପରୋକ୍ତ ମର୍ମରେ ସମସ୍ତ ଶିକ୍ଷିତ ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଛନ୍ତି । ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରସିଦ୍ଧ କବି ରାଜେନ୍ଦ୍ର କିଶୋର ପଣ୍ଡା ଯୋଗଦେଇ ଭାଷାର କ୍ରିୟାଶୀଳତା ଓ ସାଧାରଣ ବ୍ୟବହାରିକତା ଉପରେ ଗୁରୁତ୍ୱ ଦେଇଥିଲେ । କେବଳ ମାର୍ଗଦର୍ଶିକା ନୁହେଁ ବରଂ କଡ଼ାକଡ଼ି ଆଇନ ବଳରେ ଭାଷା ସୁରକ୍ଷା ସମ୍ଭବ ବୋଲି ସେ କହିଥିଲେ । ସମାଜସେବୀ ଡ. ସୌମ୍ୟରଞ୍ଜନ ସାମଲ ଅନ୍ୟତମ ଅତିଥି ଭାବେ ଯୋଗଦେଇ ସାହିତ୍ୟକୁ ସମାଜ ଓ ଜୀବନର ପଥପ୍ରଦର୍ଶକ ବୋଲି ଉଲ୍ଲେଖ କରିଥିଲେ । ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କବି ଡ. ତୁହିନାଂଶୁ ରଥଙ୍କୁ 'କୈଳାସ ଲେଙ୍କା ସୃଜନ ସମ୍ମାନ' ଓ ଶିଳ୍ପୀ ପଂଚାନନ ସାମଲଙ୍କୁ 'ଦିନନାଥ ପାଠୀ ଶିଳ୍ପୀ ସମ୍ମାନ' ପ୍ରଦାନ କରାଯାଇଥିଲା । ଉତ୍ସବ ନିର୍ଦ୍ଦେଶକ ଡ. ଅଶୋକ କୁମାର ସିଂହ ସ୍ୱାଗତ ଭାଷଣ ଦେଇଥିବାବେଳେ ଉପସଭାପତି କବି ରକ୍ଷକ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅତିଥିମାନଙ୍କ ଦ୍ୱାରା ବିଧୁଭୂଷଣ ତ୍ରିପାଠୀ, ସରୋଜିନୀ ମିଶ୍ର ଓ ମିନତି ଦାଶଙ୍କ ଲିଖିତ କବିତା ଗ୍ରନ୍ଥ 'ଜୀବାଶ୍ମ', 'ଆତ୍ମଗୀତି' ଓ 'ସେ' ସମେତ ଅନୁଷ୍ଠାନର ବାର୍ଷିକ କବିତା ମୁଖପତ୍ର ଏବଂ ଭୁବନେଶ୍ୱର ସାହିତ୍ୟ ପର୍ବର ସ୍ମରଣିକା ଲୋକାର୍ପିତ ହୋଇଥିଲା । ସଂପାଦିକା ସୋନାଲି ମହାପାତ୍ର ବିବରଣୀ ପାଠ କରିଥିଲେ । 'ଓଡ଼ିଆ ଭାଷା: ସ୍ଥିତି ଓ ସମୀକ୍ଷା' ଶୀର୍ଷକ ଆଲୋଚନା ସଭାରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତିଡ. ହୃଷୀକେଶ ମଲ୍ଲିକ, ଶାସ୍ତ୍ରୀୟ ଓଡ଼ିଆ ଭାଷା ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ନିର୍ଦ୍ଦେଶକ ଡ. ବସନ୍ତ କୁମାର ପଣ୍ଡା ଓ ବିଶିଷ୍ଟ ସ୍ତମ୍ଭକାର ଅସିତ ମହାନ୍ତି ଯୋଗଦେଇଥିବାବେଳେ କବି ଡ. ଶୁଭଶ୍ରୀ ଲେଙ୍କା ଏହା ସଂଚାଳନ କରିଥିଲେ । ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକଙ୍କ ସହିତ ଜଣାଶୁଣା ମଂଚ ଅଭିନେତ୍ରୀ ଭାସ୍ୱତୀ ବସୁଙ୍କ କଥାବାର୍ତା କାର୍ଯ୍ୟକ୍ରମ 'ଆମ ମଂଚ, ଆମ ନାଟକ' ଉପରେ ପର୍ଯ୍ୟବସିତ ଥିଲା । ଅପରାହ୍ନରେ 'କିନ୍ନରଙ୍କ ସୃଜନ ପୃଥିବୀ' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଡ. ହିରଣ୍ମୟୀ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ମୀରା ପରିଡ଼ା, ସାଧନା ମିଶ୍ର ଓ ଐଶ୍ୱର୍ଯ୍ୟା ଋତୁପର୍ଣ୍ଣା ପ୍ରଧାନ ଅଂଶଗ୍ରହଣ କରି ସେମାନଙ୍କ ଜୀବନର ଅଭିଜ୍ଞତା, ଅନୁଭବ ଓ ସୃଜନଶୀଳ କାର୍ଯ୍ୟଗୁଡ଼ିକ ଉପରେ ମତାମତ ରଖିଥିଲେ । ବିଶିଷ୍ଟ ଓଡ଼ିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ ପଦ୍ମଶ୍ରୀ ମନମୋହନ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ଉଦ୍ଦେଶ୍ୟରେ ତାଙ୍କ ନିର୍ଦ୍ଦେଶିତ ଶେଷ ଓଡ଼ିଆ ଚିତ୍ର 'ଭିଜା ମାଟିର ସ୍ୱର୍ଗ' ପ୍ରଦର୍ଶିତ ହୋଇଥିଲା । ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜା ଯୋଗଦେଇ ଏହି ସିନେମା ନିର୍ମାଣ ପଛରେ ତାଙ୍କ ଅଭିଜ୍ଞତା ବର୍ଣ୍ଣନା କରିଥିଲେ । ପୂର୍ବାହ୍ନରେ ମହିଳା ଶିଳ୍ପୀମାନଙ୍କ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଥିଲା । ବିଶିଷ୍ଟ ଚିତ୍ରଶିଳ୍ପୀ ରାମହରି ଜେନା, ତାରାକାନ୍ତ ପରିଡ଼ା ଓ ରବିନାରାୟଣ ରଥ ମିଳିତ ଭାବରେ ଏହା ଉଦ୍‌ଘାଟନ କରିଥିଲେ । ୧୪ ଜଣ ମହିଳା ଶିଳ୍ପୀଙ୍କ ଚିତ୍ର ପ୍ରଦର୍ଶନୀରେ ସ୍ଥାନ ପାଇଛି । ଏହା ସହିତ ଏକ ପୁସ୍ତକ ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହୋଇଛି ।

# ଆନ୍ତର୍ଜାତିକ ସୁଟର ଶ୍ରୀୟଙ୍କା ଷଡଙ୍ଗୀ ଓ ପାରା ଆଥଲେଟ ଜୟନ୍ତୀ ବେହେରାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା

ଭୁବନେଶ୍ୱର, (ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶନିବାର ନବୀନ ନିବାସ ଠାରେ ଦୁଇ ଓଡିଆ ଆନ୍ତର୍ଜାତିକ କ୍ରୀଡା ପ୍ରତିଯୋଗୀ ଶ୍ରୀୟଙ୍କା ଷଡଙ୍ଗୀ ଓ ଜୟନ୍ତୀ ବେହେରାଙ୍କୁ ନବୀନ ନିବାସ ଠାରେ ସମ୍ବର୍ଦ୍ଧିତ କରିଛନ୍ତି । ମୁଖ୍ୟମନ୍ତ୍ରୀ ଏହି ଦୁଇ ବାଳିକା କ୍ରୀଡାବିତ୍‌ଙ୍କୁ ସେମାନଙ୍କର ସଫଳତା ପାଇଁ ଉଚ୍ଚପ୍ରଶଂସା କରି କହିଥିଲେ ଯେ ସେମାନେ ରାଜ୍ୟ ପାଇଁ ଗୌରବ ଆଣି ଅନ୍ୟ ଖେଳାଳୀ ମାନଙ୍କ ପାଇଁ ପ୍ରେରଣା ସୃଷ୍ଟି କରିଛନ୍ତି । ସେମାନେ ସାରା ବିଶ୍ୱରେ ଓଡିଶା ପାଇଁ ଗୌରବ ଆଣିଛନ୍ତି ବୋଲି ପ୍ରକାଶ କରି, ଆଗାମୀ ଦିନରେ ଆହୁରି ସଫଳତା ପାଇବେ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀୟଙ୍କାଙ୍କୁ ୨ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରିଥିବା ବେଳେ, ଜୟନ୍ତୀଙ୍କୁ ୧୫ ଲକ୍ଷ ଟଙ୍କା ପୁରସ୍କାର ଦେଇଥିଲେ । ସୂଚନାଯୋଗ୍ୟ ଯେ ଶ୍ରୀୟଙ୍କା ନିକଟରେ କାଇରୋ ଠାରେ ଅନୁଷ୍ଠିତ ଆଇଏସଏସଏଫ୍ ବିଶ୍ୱକପ୍ ସୁଟିଂ ପ୍ରତିଯୋଗୀତାରେ ୫୦ ମିଟର ରାଇଫଲ ୩ ପୋଜିସନ୍ ରେ ବ୍ରୋଞ୍ଜ ମେଡାଲ ପାଇଛନ୍ତି । ସେ ମଧ୍ୟ ବର୍ତମାନ ଜାତୀୟ ସୁଟିଂ ଚାମ୍ପିଅନ ଭାବେ ସୁନାମ ଅର୍ଜନ କରିଛନ୍ତି । ସେହିପରି ଜୟନ୍ତୀ ବେହେରା ଦୁବାଇ ଠାରେ ଅନୁଷ୍ଠିତ ବିଶ୍ୱ ପାରା ଆଥଲେଟିକ୍ସ ପ୍ରତିଯୋଗୀତାରେ ୩ଟି ମେଡାଲ ହାସଲ କରିଛନ୍ତି । ୪୦୦ ଓ ୧୦୦ ମିଟର ପ୍ରତିଯୋଗୀତାରେ ସେ ବ୍ରୋଞ୍ଜ ପଦକ ପାଇଥିବା ବେଳେ, ୨୦୦ ମିଟର ପ୍ରତିଯୋଗୀତାରେ ରୌପ୍ୟ ପଦକ ପାଇଛନ୍ତି । ଉଭୟ କ୍ରୀଡାବିତ୍ ରାଜ୍ୟରେ କ୍ରୀଡା ଭିତିଭୂମି ଓ କ୍ରୀଡାବିତ୍ ମାନଙ୍କ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ପଦକ୍ଷେପର ଉଚ୍ଚପ୍ରଶଂସା କରିଥିଲେ । ଦୁଇ ଖେଳାଳି ମୁଖ୍ୟମନ୍ତ୍ରୀଙ୍କ ସହିତ ଖୁସିରେ ସେଲ୍‌ଫି ଉଠାଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫ଟି) ଭି କେ ପାଣ୍ଡିଆନ ଓ କ୍ରୀଡ଼ା ସଚିବ ଭିନିଲ କ୍ରିଷ୍ଣା ଉପସ୍ଥିତ ଥିଲେ ।

# ମାଲକାନଗିରି ଜିଲ୍ଲା ସଦର ମହକୁମା ହସ୍‌ପିଟାଲ୍ କୁ 'କାୟାକଳ୍ପ' ପୁରସ୍କାର

ଭୁବନେଶ୍ୱର, (ପି.ଏନ): ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉତମ ଗୁଣବତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ନ୍ୟାସନାଲ କ୍ୱାଲିଟି ଆସ୍ୟୁରାନ୍ସ ଷ୍ଟାଣ୍ଡାର୍ଡ, ଲକ୍ଷ ଓ ସୁରକ୍ଷିତ ମାତୃତ୍ୱ (ଏନକ୍ୟୁଏଏସ୍)ଓ'କାୟାକଳ୍ପ' ଭଳି ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି ।୨୦୨୧-୨୨ ମସିହା ପାଇଁ ଏନକ୍ୟୁଏଏସ୍, ଲକ୍ଷ, ସୁମନ ଓ କାୟାକଳ୍ପର ଅଗ୍ରଗତିର ସମୀକ୍ଷା ଓ ଚଳିତ ବର୍ଷ ପାଇଁ କାୟାକଳ୍ପ ପୁରସ୍କାର ବିଜେତାଙ୍କୁ ଚୂଡ଼ାନ୍ତ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଗୁଣବତା ନିଶ୍ଚିତତା କମିଟି ଏସକ୍ୟୁଏସି ର ବୈଠକ ଅନୁଷ୍ଠିତ ହୋଇଯାଇଛି ।ଅନ୍ତିମ ସ୍କୋର ଉପରେ ଆଧାର କରି ଡିଏଚଏଚ ବର୍ଗରେ ଡିଏଚଏଚ ମାଲକାନଗିରି, ଡିଏଚଏଚ ସୁନ୍ଦରଗଡ଼ ପ୍ରଥମ ଓଦ୍ୱିତୀୟ ପୁରସ୍କାର ଯାଇଥିବାବେଳେ ସେହିଭଳି ଏସଡିଏଚ/ସିଏଚସି ବର୍ଗରେ କେନ୍ଦୁଝରର ଭଣ୍ଡା ସିଏଚସି, ମାଲକାନଗିରିର କୁଡୁଲୁଗୁମ୍ମା ସିଏଚସି ପ୍ରଥମ ପୁରସ୍କାର, କନ୍ଧମାଳର ଟିକାବାଲି ସିଏଚସି ଦ୍ୱିତୀୟ ପୁରସ୍କାର ପାଇଛନ୍ତି । ଢେଙ୍କାନାଳର କାଠଗଡ଼ା ସାହି ୟୁପିଏଚସିଏବଂ କଳାହାଣ୍ଡିର ଭବାନୀପାଟଣା ୟୁପିଏଚସି ମିଳିତ ବିଜେତା ହୋଇଥିବାବେଳେ ୟୁପିଏଚସି -ଏମଏମସି ବରଗଡ଼ ଏବଂ କୋରାପୁଟର ୟୁପିଏଚସି ଗାନ୍ଧିନଗର ମିଳିତ ପ୍ରଥମ ରନର୍ସଅପ୍ ହୋଇଥିଲେ । ୟୁପିଏଚସି ବୈକୁଣ୍ଠନଗର ଦ୍ୱିତୀୟ ରନର୍ସଅପ୍ ହୋଇଛନ୍ତି ।ଇକୋ-ଫ୍ରେଣ୍ଡଲି ହସ୍‌ପିଟାଲ୍ ବର୍ଗରେ ଡିଏଚଏଚ୍ ସୁନ୍ଦରଗଡ଼ ପ୍ରଥମ ପୁରସ୍କାର ପାଇଥିବାବେଳେ ଗଜପତିରସିଏଚସି , ଚନ୍ଦ୍ରଗିରି କେନ୍ଦୁଝରର ଭଣ୍ଡା ସିଏଚସି ଓ ଘଟଗାଁ ସିଏଚସି ଏବଂ ମାଲକାନଗିରିର କୁଡୁଲୁଗୁମ୍ମା ସିଏଚସି ମିଳିତ ଭାବେବିଜେତା ହୋଇଛନ୍ତି ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା

ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ । ତାଲିମ୍ କାର୍ଯ୍ୟକ୍ରମରେ ତାଲିମ୍ ଦାତା ଭାବରେ ଶସ୍ମିତା ବେହେରା, ସରସ୍ୱତୀ ବିନ୍ଧାଣୀ, ପ୍ରଦୀପ କୁମାର ସ୍ୱାଇଁ ଓ ବିଶ୍ୱରଞ୍ଜନ କର ତାଲିମ୍ ପ୍ରଦା କରିଥିବା ବେଳେ ନିହାରିକା ବେହେରା ତାଲିମ୍ ପରିଚାଳନା କରିଥିଲେ ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୂର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଊର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରାଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା । ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

# ଖେଳ



ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK पर्यवेक्षक



Bhubaneswar Wednesday April 20, 2022 ଭୁବନେଶ୍ୱର ବୁଧବାର, ଅପ୍ରେଲ ୨୦,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




## ପାଣିମୁହାଣି ଗ୍ରାମରେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାର ଖିଅ ପାଉନି ପୋଲିସ୍

ଧର୍ମଶାଳା, (ପିଏନ୍): ଧର୍ମଶାଳା ଥାନା ପାଟପୁର ପଂଚାୟତର ପାଣିମୁହାଣି ଗ୍ରାମରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାକୁ ୮ଦିନ ବିତିଯାଇଥିଲେ ହେଁ ପୁଲିସ ଏହାର ଖିଅ ପାଇବାରେ ଅସଫଳ ହୋଇଛି । ସୂଚନା ମୁତାବକ ପାଣିମୁହାଣି ଗ୍ରାମର ବିଜୟ ନାୟକଙ୍କ ସହିତ ପଡୋଶୀଙ୍କ ଜମିବାଡି ବିବାଦକୁ କେନ୍ଦ୍ର କରି ବିବାଦ ଲାଗିରହିଥିଲା । ତେବେ ଗତ ୯ ତାରିଖ ରାତିରେ ସେମାନେ ଆସି ବିଜୟଙ୍କୁ ଆକ୍ରମଣ କରିବା ସହିତ ତାଙ୍କ ପତ୍ନୀଙ୍କୁ ଆକ୍ରମଣ କରିଥିଲେ । ଆକ୍ରମଣରେ ତାଙ୍କର ପତ୍ନୀ ବିନି ନାୟକ (୫୧)ଙ୍କ ମୃତ୍ୟୁ ହୋଇଥିବା ସ୍ୱାମୀ ବିଜୟ ନାୟକ ଅଭିଯୋଗ କରିଥିଲେ । ସ୍ୱାମୀ ବିଜୟଙ୍କ ଅଭିଯୋଗକ୍ରମେ ଅନୁଯାୟୀ ପଡୋଶୀ ଘରର କିଛି ଯୁବକ ରାତିରେ ତାଙ୍କ ଘର ଭିତରେ ପଶି ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କୁ ଆକ୍ରମଣ କରିଥିଲେ । ଏଥିରେ ତାଙ୍କର ପତ୍ନୀଙ୍କ ମୃତ୍ୟୁ ଘଟିଥିଲାଏବଂ ସେ ନିଜେ ଆହତ ହୋଇ ଧର୍ମଶାଳା ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ । ତେବେ ପୂର୍ବରୁ ଗଛ କଟାକୁ କେନ୍ଦ୍ର କରି ବିଜୟ ଓ ପଡୋଶୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା । ଏନେଇ କୋଟପୁର ଫାଣ୍ଡିରେ ଉଭୟ ପକ୍ଷରୁ ମାମଲା ମଧ୍ୟ ରୁଜୁ ହୋଇଥିଲା । ସେହି ଘଟଣାକୁ କେନ୍ଦ୍ର କରି ୯ ତାରିଖ ରାତିରେ ୪/୫ଜଣ ଯୁବକ ତାଙ୍କ ଘରେ ପଶି ଏଭଳି କାଣ୍ଡ ଭିଆଇଥିବା ଅଭିଯୋଗ କରିଛନ୍ତି ବିଜୟ । ତେବେ ଏହି ଆକ୍ରମଣରେ ବିଜୟ ଏବଂ ମୃତ ମହିଳାଙ୍କ ଶରୀରରେ କୌଣସି କ୍ଷତ ଚିହ୍ନ ନଥିବା ଦେଖିବାକୁ ମିଳିଥିଲା । ଖବର ପାଇ କୋଟପୁର ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଂଚି ମୃତଦେହକୁ ଜବତ କରିବା ସହ ୧୯୧/୨୨ ରେକ ଏକ କେଶ ରୁଜୁ କରି ଶବ ବ୍ୟବଛେଦ ପାଇଁ ବଡଚଣା ପଠାଇବା ସହ ସାଇନଟିଫିକ ଟିମ ସହାୟତାରେ ତଦନ୍ତ କରିଥିଲା । ଅନ୍ୟପଟେ ଅଭିଯୋଗ ଆଧାରରେ ପୁଲିସ ଗ୍ରାମର ୪ଜଣ ଯୁବକଙ୍କୁ ଥାନାରେ ଅଟକ ରଖିଥିଲା । ତେବେ ଶବ ବ୍ୟବଛେଦ ରିପୋର୍ଟରେ ହତ୍ୟାର କୌଣସି ସୁରାଗ ମିଳିନାହିଁ । ମହିଳାଙ୍କର ସ୍ୱାଭାବିକ ମୃତ୍ୟୁ ହୋଇଥିବା ଏବଂ ତାଙ୍କର ଶରୀର ବାହାରେ କିମ୍ବା ଭିତରେ କୌଣସି ପ୍ରକାର କ୍ଷତ ନଥିବା ବ୍ୟବଛେଦ ରିପୋର୍ଟରେ ଆସିଥିବା ଜଣାଯାଇଛି । ତେବେ ମୃତ୍ୟୁର କାରଣ ଜାଣିବା ପାଇଁ ପୁଲିସ ମୃତ ମହିଳାଙ୍କର ଭିସାରା ପରୀକ୍ଷା ଲାଗି ପଠାଇଛି । ଶବବ୍ୟଛେଦ ରିପୋର୍ଟ ଆସିବା ପାରେ ପୁଲିସ ଅଟକ ରଖିଥିବା ୪ଜଣ ଯୁବକଙ୍କୁ ଛାଡିଦେଇଥିଲା । ପରେ ମୃତ ମହିଳାଙ୍କ ସ୍ୱାମୀ ବିଜୟ ଉପରେ ପୁଲିସର ସନ୍ଦେହ ହେବାରୁ ତାକୁ ଥାନାକୁ ଡାକି ପଚରା ଉଚରା କରି ଛାଡି ଦେଇଛି । ତେବେ ପୁଲିସର ପଚରା ଉଚରାରେ ବିଜୟ ନିଜର ପୁର୍ବ ଅଭିଯୋଗ ଉପରେ ଦୃଢ ରହିଥିବା ଜଣାପଡିଛି । ମହିଳାଙ୍କ ମୃତ୍ୟୁକୁ ୮ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ମୃତ୍ୟୁ ରହସ୍ୟ ଉପରୁ ପରଦା ହଟାଇବାରେ ଅସଫଳ ହୋଇଛି ଏବଂ ଏହି ଘଟଣାକୁ ଚପାଇଦେବା ପାଇଁ ଉଦ୍ୟମ କରାଯାଉଥିବା ସାଧାରଣରେ ଆଲୋଚନା ହେଉଛି ।

## ଜିଓଲୋଜିକାଲ ସୋସାଇଟି ଅଫ୍ ଇଣ୍ଡିଆର ଓଡିଶା ଆଂଚଳିକ କେନ୍ଦ୍ର ଉଦ୍‌ଘାଟିତ






ଭୁବନେଶ୍ୱର - ଆଜି ଜିଓଲୋଜିକାଲ୍ ସୋସାଇଟି ଅଫ୍ ଇଣ୍ଡିଆ ପକ୍ଷରୁ ଓଡିଶା ଆଂଚଳିକ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ଇଡକଲ୍ ଅଡିଟୋରିୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ୱତନ୍ତ୍ର ରିଲିଫ୍ କମିସନର ପ୍ରଦୀପ କୁମାର ଜେନା ଯୋଗ ଦେଇ କହିଲେ, ଭୂବିଜ୍ଞାନ ଏମିତି ଏକ ବିଷୟ, ଯାହାକୁ ପଢି ଆଜି ବହୁତ ବ୍ୟକ୍ତି ଉଚ୍ଚ ସ୍ଥାନରେ ରହିଛନ୍ତି । ଓଡିଶାରେ ଅନେକ ପ୍ରଶାସନିକ ଅଧିକାରୀ ଭୂବିଜ୍ଞାନର ଛାତ୍ର/ଛାତ୍ରୀ ଅଟନ୍ତି । ପ୍ରଶାସନିକ ଚାକିରୀ ପାଇବାଠାରୁ କର୍ମକ୍ଷେତ୍ରରେ ଭୂବିଜ୍ଞାନ ସେମାନଙ୍କୁ ବହୁତ ସାହାଯ୍ୟ କରିଛି । ସେ ଆହୁରି କହିଲେ ଯେ, ଆଗରୁ ଭୂବିଜ୍ଞାନ ବିଦ୍ୟାର୍ଥୀମାନଙ୍କ ପାଇଁ ସେମିତି କିଛି ସୁବିଧାସୁଯୋଗ ନଥିଲା, ମାତ୍ର ଏବେ ଏହି ବିଷୟରେ ଆଗକୁ ବଢି ହେବ । ଭାରତୀୟ ଭୂବୈଜ୍ଞାନିକ ସର୍ବେକ୍ଷଣର ଅବସରପ୍ରାପ୍ତ ଉପମହାନିର୍ଦ୍ଦେଶକ ଜାଦବାନନ୍ଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଫିମିର ଅଧ୍ୟକ୍ଷ ଆର୍.ଏଲ୍ ମହାନ୍ତି, ଭୂବିଜ୍ଞାନ ନିର୍ଦ୍ଦେଶକ ମନୋରଜନ ମହାପାତ୍ର, ପ୍ରଫେସର କେଭି ସୁବାରାଓ, ଏନ୍. ରାଜେନ୍ଦ୍ରନ୍ ପ୍ରମୁଖ ଯୋଗ ଦେଇ ଏହି ନୂତନ ଆଂଚଳିକ କେନ୍ଦ୍ରର ପ୍ରୟାସକୁ ପ୍ରଶଂସା କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହି ଅବସରରେ ଡ.ଶୁଭ୍ରଜ୍ୟୋତି ଦାସ ଓ ଡ. ଭି.କେ ମହାନ୍ତିଙ୍କ ସମ୍ପାଦିତ ଅନୁଷ୍ଠାନର ସ୍ୱତନ୍ତ୍ର ପତ୍ରିକା ନ୍ତଓଡିଶାର ଜଳସମ୍ପଦ:ସ୍ଥିତି, ସମସ୍ୟା ଏବଂ ରଣନୀତିନ୍ତ ଲୋକାର୍ପିତ ହୋଇଥିଲା । ଅନୁଷ୍ଠାନର ସଭାପତି ମିହିର କୁମାର ସେନାପତି ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ଅସିତ୍ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଓଏମ୍.ଇସିଏଲ୍ ନିର୍ଦ୍ଦେଶକ ତଥା ଆଂଚଳିକ କେନ୍ଦ୍ର ଉପସଭାପତି ଶୈଳେନ୍ଦ୍ର କୁମାର ସିହ୍ନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଏସ୍‌ଆଇ,ଡିଜିଏମ୍, ଆରଡବ୍ଲ୍ୟୁଏସ ୍ଏସ୍, ସିଜିଡବ୍ଲ୍ୟୁବି, ଓଏମ୍‌ସି, ଓଏମ୍‌ଇସିଏଲ୍, ସିଏମ୍‌ପିଡିଆଇ, ଅ ାଇ.ଆଇ.ଟି, ଭୁବନେଶ୍ୱର, ଏନ୍.ଆଇଟି,ରାଉରକେଲା,ଉତ୍କଳ ବିଶ୍ୱ ବିଦ୍ୟାଳୟ, ରେଭେନ୍ସା ବିଶ୍ୱବିଦ୍ୟାଳୟ, ଜେଏସ୍‌ଡବ୍ଲ୍ୟୁ, ଟିସ୍‌କୋ ଓ ବେଦାନ୍ତ ଆଦି ଅନେକ ସଂସ୍ଥାର ଭୂବୈଜ୍ଞାନିକମାନେ ଯୋଗ ଦେଇଥିଲେ ।

## ଜ୍ୟୋସ୍ନାରାଣୀ ବିଶ୍ୱାଳଙ୍କ ବିୟୋଗରେ ଶ୍ରଦ୍ଧାଳି ସଭା

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ କୋଟପୁର ପଂଚାୟତ ଭଗବାନପୁର ଗ୍ରାମର ଅଙ୍ଗନୱାଡ଼ି ସୁରପରଭାଇଜର ସ୍ୱର୍ଗତ ଜ୍ୟୋସ୍ନାରାଣୀ ବିଶ୍ୱାଳ (୫୩)ଙ୍କର ଏକାଦଶାହ ଉପଲକ୍ଷେ ଏକ ଶ୍ରଦ୍ଧାଳି ସଭା ପଣ୍ଡିତ ବ୍ରଜକିଶୋର ଦାଶଙ୍କ ସଭାପତିତ୍ୱରେ ସୋମବାର ସନ୍ଧ୍ୟାରେ ଭଗବାନପୁରଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗୋକର୍ଣ୍ଣିକା ସାହିତ୍ୟ ସମାଜ ସଭାପତି ରମାକାନ୍ତ ଜେନା, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଚି□ରଂଜନ ମହାନ୍ତି, ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ଡ. ରାଜକିଶୋର ପାଢ଼ୀ, ଧର୍ମଶାଳା ସାହିତ୍ୟ ସମାଜ ସଂପାଦକ ଡକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ, ପୂର୍ବତନ ସରପଂଚ ସନ୍ତୋଷ କୁମାର ଜେନା ଅତିଥି ଭାବେ ଯୋଗ ଦେଇ ସ୍ମୃତି ଚାରଣ କରି ଶ୍ରଦ୍ଧାଳି ଅର୍ପଣ କରିଥିଲେ । ପ୍ରଥମେ ସ୍ୱର୍ଗତା ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯିବା ପରେ ପ୍ରଦୀପ କୁମାର ଜେନା ରାମଧୂନ ଗାନ କରିଥିଲେ । ଜ୍ୟୋସ୍ନାରାଣୀ ଏକାଧାରରେ ଜଣେ ସେବାକର୍ମୀ, ସ୍ନେହୀ ଓ ଦରଦୀ ମଣିଷ ଥିଲେ ବୋଲି ତାଙ୍କର ସହକର୍ମୀ ନଳିନୀ ପ୍ରଭା ମିଶ୍ର ଶ୍ରଦ୍ଧଳି ଅର୍ପଣ କରି ଦିବଂଗତ ଆତ୍ମାର ଗୁଣାବଳୀ ବର୍ଣ୍ଣନା କରିଥିଲେ । ସେହିପରି ଡକ୍ଟର ମହେଶ୍ୱର ଜେନା ସାମନ୍ତ, ଲକ୍ଷ୍ମୀଧର ବେହେରା, ଚି□ ମହାନ୍ତି, ବିଜେପି ନେତା ପବିତ୍ର ମୋହନ ଦାଶ, ଶିକ୍ଷକ ସଂଘ ନେତା ଭରତଚନ୍ଦ୍ର ନାୟକ, ଦିବ୍ୟଜ୍ୟୋତି ସାମଲ ପ୍ରମୁଖ ସ୍ମୃତି ଚାରଣ କରିଥିଲେ । ଏହି ଶ୍ରଦ୍ଧାଳି ସଭାକୁ ସୂର୍ଯ୍ୟାସ୍ତ ସଂପାଦକ ବିବେକାନନ୍ଦ ରାୟ ସଂଚାଳନ କରିଥିଲେ ।

## ଟାଟା ମ୍ୟାଜିକ ଗାଡି ସହ ଭାଙ୍ଗ ଜବତ ,୩ ଗିରଫ

ଖୋର୍ଦ୍ଧା,ତା୧୯/୪(ପିଏନ)-ରାଜ୍ୟ ଅବକାରୀ ବିଭାଗର ଅବିନାଶ କୁମାର ସିଂହଙ୍କ ନିର୍ଦ୍ଦେଶକ୍ରମେ ଏକ ଟାଟା ମ୍ୟାଜିକ ଗାଡିରୁ ଭାଙ୍ଗ୍‌କ ସହ ୩ ଜଣଙ୍କୁ ସ୍କ୍ୱାର୍ଡ ଗିରଫ କରିଛି । ସୂଚନା ମୁତାବକ ଜଟଣୀ ଥାନା ଅନ୍ତର୍ଗତ ପିତାପଲ୍ଲୀ ଛକ ନିକଟରୁ ଓଆର ୦୭ ଟି ୮୪୬୯ ନମ୍ବର ବିଶିଷ୍ଟ ଟାଟା ମ୍ୟାଜିକରେ ୪୮୦ କେଜି ଭାଙ୍ଗ ବୋଝେଇ କରି ଗଜପତିରୁ ପୁରୀ ଅଭିମୁଖେ ଯାଉଥିଲେ । ଅଭିଯୁକ୍ତ ଦୁଇ ଜଣଙ୍କ ଘର ଗଜପତି ଜିଲ୍ଲାର ଦୁଇଜଣ ଓ ଅନ୍ୟ ଜଣକ ଗଞ୍ଜାମ ଜିଲ୍ଲାର ଝିଅ ଘରେ ବାପର ହୃଦଘାତରେ ମୃତ୍ୟୁ ଖୋର୍ଦ୍ଧା,ତା୧୯/୪(ପିଏନ)- ବାଘମାରୀ ଥାନା ଅନ୍ତର୍ଗତ ପଙ୍ଗାରସିଂହ ଗ୍ରାମରେ ଜନୈକ ବ୍ୟକ୍ତି ନିଜ ଝିଅ ଘରକୁ ଆସି ହୃଦଘାତରେ ମୃତ୍ୟୁବରଣ କରିଥିବା ବେଳେ ପୋଲିସ ନିକଟରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ବାଘମାରୀ ଥାନା ଅଧିକାରୀନ ଅର୍ଚ୍ଚନା ମଲ୍ଲିକଙ୍କ ସୂଚନା ଅନୁଯାଇ ନୟାଗଡ ଜିଲ୍ଲା ଦେଉଳପଲ୍ଲୀ ଗ୍ରାମର ଦଣ୍ଡଧର ପ୍ରଧାନ (୬୨) ନିଜ ଝିଅ ଘର ସତ୍ୟାଭାମା ପ୍ରଧାନଙ୍କ ଘରକୁ ଆସିଥିଲେ । ଆଜି ଭୋର ସମୟରେ ଛାତିରେ ଯନ୍ତ୍ରଣା ହୋଇ ମୃତ୍ୟୁ ବରଣ କରିଥିବା ବେଳେ ଏ ନେଇ ପୋଲିସ ନିକଟରେ ଲିଖିତ ଅଭିଯୋଗ କରାଯାଇଥିଲା । ପୋଲିସ ଘଟଣା ସ୍ଥଳରେ ପହଂଚି ଶବକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ଶବ ବ୍ୟବଚ୍ଛେଦ ନିମଖରପଠାଇଥିଲା ।


# ADMISSION OPEN

## MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM



MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act


## ନସିସି ପକ୍ଷରୁ ସଲାମ ସହିଦ କାର୍ଯ୍ୟକ୍ରମ

ଖୋର୍ଦ୍ଧା,(ପିଏନ): ପୁରୀ ଷଷ୍ଠ ବାଟାଲିୟନର ସିଓ ତାଙ୍କ ଅଧିନସ୍ଥ ସମସ୍ତ ଏନସିସି ଅଧିକାରୀ ମାନଙ୍କୁ ଚଳିତ ଅପ୍ରେଲ ମାସ ୧୯ ଓ ୨୨ ତାରିଖକୁ ଧରିତ୍ରୀ ଦିବସ ରୂପେ ପାଳନ କରିବା ପାଇଁ ପରାମର୍ଶ ଦେଇଛନ୍ତି ।ସେହିକ୍ରମରେ ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟ ଏନସିସି ପକ୍ଷରୁ ମଙ୍ଗଳବାର ଦିନ ଫ୍ଲାଗ ରନ ସଲାମ ସହିଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ପୂର୍ବାହ୍ନରେ ଏନସିସି ଅଧିକାରୀ ଅଧ୍ୟାପକ ଡଃ ରଞ୍ଜନ କୁମାର ଦାଶଙ୍କ ନେତୃତ୍ୱରେ ୫୦ ଜଣ କ୍ୟାଡେଟ କଲେଜ ସମ୍ମୁଖରେ ଏକତ୍ର ହୋଇ ପ୍ୟାରେଡ ପ୍ରଦର୍ଶନ କରିଥିଲେ । ଅଧ୍ୟକ୍ଷ ରବୀନ୍ଦ୍ର ନାଥ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ରାଷ୍ଟ୍ରୀୟ ଚେତନାଧର୍ମୀ କାର୍ଯ୍ୟକ୍ରମରେ ବୋଲଗଡ ମଣ୍ଡଳ ଉନ୍ନୟନ ଅଧିକାରୀ ଧୋବେଇ ଚରଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କଲେଜ ବଟାନିକାଲ ଗାର୍ଡନସ୍ଥିତ ସହିଦ ସ୍ମୃତି ସ୍ତମ୍ଭରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଉବଙ୍ଗ କମାଣ୍ଡର ପ୍ରସନ୍ନ କୁମାର ସାହୁ ଅତିଥିଙ୍କ ଠାରୁ ମଶାଲ ଗ୍ରହଣ କରି କ୍ୟାଡେଟ ମାନଙ୍କ ସହ ବଜାର ଓ ଗ୍ରାମ ପରିକ୍ରମା କରିଥିଲେ । ଆୟୋଜିତ ରାଲିରେ କ୍ୟାଡେଟ ମାନେ ବିଭିନ୍ନ ରାଷ୍ଟ୍ରୀୟ ଚେତନାଧର୍ମୀ ସ୍ଲୋଗାନ ଦେଇ ବିଭିନ୍ନ ପ୍ଲା କାର୍ଡ ଧରି ଜାତୀୟ ସଙ୍ଗୀତ ଗାନ କରିଥିଲେ । ଏହି ଅବସରରେ ଅତିଥି ମାନେ ଉତ୍କଳମଣି ଗୋପବନ୍ଧୁ ଓ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ଅଧ୍ୟାପକ ଗାନ୍ଧୀ କୁମାର ସାହୁ ଦୀପକ କୁମାର ଜେନା,କ୍ରୀଡା ଶିକ୍ଷକ ଭଞ୍ଜ କିଶୋର ଯତି ଓ ଡେମୋନେଷ୍ଟ୍ରେଟର ରାଜ କିଶୋର ସାହୁ ପ୍ରମୁଖ ପରିଚାଳନା କରିଥିଲେ

।ମାଟ୍ରିକ ପରୀକ୍ଷା କେନ୍ଦ୍ରକୁ ନେଇ ଅସନ୍ତୋଷ ଗ୍ରାମବାବାସୀଙ୍କ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଦାବୀପତ୍ର ଖୋର୍ଦ୍ଧା,ତା୧୯/୪(ପିଏନ)- ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ ଅନ୍ତର୍ଗତ ଚାଷଙ୍ଗରା ଗ୍ରାମର ଭାଲେରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ହେଉଥିବା ମାଟ୍ରିକ ପରୀକ୍ଷା କେନ୍ଦ୍ରକୁ ଚଂଚକତା କରି ସ୍ଥାନାନ୍ତର କରାଯାଇଥିବାରୁ ଗ୍ରାମବାସୀମାନେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି । ଦୀର୍ଘ ୬ ବର୍ଷ ଧରି ସଫଳତାର ସହିତ ମାଟ୍ରିକ ପରୀକ୍ଷା ଭାଲେରୀ ବିଦ୍ୟାଳୟରେ କରାଯାଉଥିବା ବେଳେ ଚଳି ବର୍ଷ ଏହାକୁ ସ୍ଥାନାନ୍ତର କରି ୭କିମି ଦୂରରେ ଥିବା ବଡକୂଳସ୍ଥିତ ଚିଲିକା ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ କରାଯାଇଛି । ଯାହାକୁ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି । ଚଳିତ ବର୍ଷ ଶିକ୍ଷା ବିଭାଗର ନିୟମ ଅନୁଯାଇ ପ୍ରତ୍ୟେକ ବିଦ୍ୟାଳୟରେ ଅନ୍ୟ ବିଦ୍ୟାଳୟର ଶିକ୍ଷକଙ୍କ ପରିଚାଳନାରେ ମାଟ୍ରିକ ପରୀକ୍ଷା କରାଯିବ ବୋଲି ନିଷ୍ପତି ଗ୍ରହଣ କରାଯାଇଛି ।ତେବେ ଭାଲେରୀ ବିଦ୍ୟାଳୟରେ ଚଳିତ ବର୍ଷ ୧୦୮ ମାଟ୍ରିକ ପରିକ୍ଷାର୍ଥୀ ଅଛନ୍ତି । ଏହି ସମସ୍ତ ପିଲାମାନେ ପ୍ରଚଣ୍ଡ ରୌଦ୍ର ତାପରେ ପ୍ରତ୍ୟେକ ଦିନ ୭ କିମି ଯିବାକୁ ଅସମର୍ଥ ଅଟନ୍ତି ବୋଲି ଅଭିଭାବକ ମାନେ ଦାବୀ କରିଛନ୍ତି । ଏଥିସହ ୧୬ ନମ୍ବର ଜାତୀୟ ରାଜପଥ ଓ ଗୋଟିଏ ଲେବୁଲ କ୍ରସିଂ ବିପଦପୂର୍ଣ୍ଣ ଭାବେ ପାର ହୋଇ ପିଲାମାନେ ପରୀକ୍ଷା କେନ୍ଦ୍ରକୁ ଯିବ ଭୟଭୀତ ହେଉଥିବାର ଜଣା ପଡିଛି । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ଶିକ୍ଷାଧିକାରୀ ଭାଲେରୀ ସରକାରୀ ଉଚ୍ଚ ବିଦ୍ୟାଳୟକୁ ମାଟ୍ରିକ ପରୀକ୍ଷା କେନ୍ଦ୍ର କରିବାକୁ ଅଭିଭାବକ ଓ ପରିଚାଳନା କମିଟିର ସଭ୍ୟ/ସଭ୍ୟା ମାନେ ଦାବୀ କରିଛନ୍ତି ।

## ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ଲକ ସ୍ତରୀୟ ସ୍ୱାସ୍ଥ୍ୟ ସେବା ଅନୁଷ୍ଠିତ

ବାଲିଅନ୍ତା : କୋଭିଡ କଟକଣା ଯୋଗୁ କିଛି ବର୍ଷ ହେବ ସମସ୍ତ ସରକାରୀ କାର୍ଯ୍ୟକ୍ରମ ବନ୍ଦ ଥିଲା । ଓଡିଶା ସରକାର ସ୍ଥାସ୍ଥ୍ୟ ଗତ ସମସ୍ୟାକୁ ପ୍ରାଧାନ୍ୟ ଦେଇ ଏକ ସମୟରେ ଏକତ୍ରିତ ଭାବେ ବିଭିନ୍ନ ବିଭାଗର ବିଶେଷଜ୍ଞମାନଙ୍କୁ ନେଇ ମଙ୍ଗଳବାର ଦିନ ବାଲିଅନ୍ତା ବ୍ଲକ ଅଧିନସ୍ଥ ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମଣ୍ଡଳ ସ୍ତରୀୟ ସ୍ୱାସ୍ଥ୍ୟ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସକାଳ ୮ ଘଟିକା ସମୟରେ ଜୟଦେବ ବିଧାୟକ ଡ ଅରବିନ୍ଦ ଢାଲୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସ୍ୱାସ୍ଥ୍ୟ ମେଳାକୁ ଉଦ୍‌ଘାଟନ କରିଥିଲେ । ଶିବିରକୁ ସମ୍ବୋର୍ଦ୍ଧିତ କରି ଡାକ୍ତାରମାନଙ୍କର ଭୂମିକାକୁ ପ୍ରଂଶସା କରି ସମାଜରେ ଡାକ୍ତର ଦ୍ୱିତୀୟ ଭଗବାନ ସେ କେବଳ କଷ୍ଟରୁ ରୋଗୀଙ୍କୁ ଚିକିତ୍ସିତ କରି କଷ୍ଟ ଲାଘବ କରିଥାନ୍ତି । ସୁସ୍ଥ ରହିବା ପାଇଁ ପରାମର୍ଶ ଦେଇଥାନ୍ତି । ଜଣେ ଅସୁସ୍ଥ ଲୋକ ପ୍ରତ୍ୟେକ ମୁହୂର୍ତରେ ମରିଥାଏ । କିନ୍ତୁ ଜଣେ ସୁସ୍ଥ ଲୋକ ଜୀବନରେ ଥରେ ମରିଥାଏ । ବିଳମ୍ବରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଯୋଗ ଦେଇ ଶିବିରରେ ଲଗାଯାଇଥିବା ବିଭିନ୍ନ ସଚେତନତା ଷ୍ଟଲ ବୁଲବା ସହ ସେବାରତ ଡାକ୍ତରଙ୍କୁ ଭେଟି ଲୋକମାନଙ୍କ ସହିତ ଅଲୋଚନା କରିଥିଲେ । ସେଥି ମଧ୍ୟରୁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ବାଲିଅନ୍ତା ତରଫରୁ କରାଯାଇଥିବା ଷ୍ଟଲ ପରିଦର୍ଶନ କରି ଉପସ୍ଥିତ ଥିବା ଅଙ୍ଗନୱାଡୀ କର୍ମୀଙ୍କୁ ସୁଷମ ଖାଦ୍ୟ ବିଷୟରେ ପଚାରିଥିଲେ । ଏହି ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ପ୍ରକାଶ କୁମାର ବାନାର୍ଜୀ, ଏଡିଏମ୍ ଡ. ରଘୁନାଥ ନାୟକ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସା ଅଧିକାରୀ ଡ. ତନ୍ମୟ ତ୍ରିପାଠୀ, ବ୍ଲକଉନ୍ନୟନ ଅଧିକାରୀ ନାରାୟଣ ଚନ୍ଦ୍ର ନାୟକ, ଡ. ମାନବ କୁମାର ମଧୁଜିତ୍, ଶିଶୁବିକାଶ ଯୋଜନା ଅଧିକାରିଣୀ ଖୁଲଣା ସାହୁ ଯୋଗ ଦେଇଥିଲେ । ଶିବିରରେ ମୋଟ ୬୭୨ ଜଣଙ୍କ ସ୍ୱସ୍ଥ୍ୟ ପରୀକ୍ଷା କରଯାଇଥିବା ବେଳେ ସେଥିମଧ୍ୟରୁ ୧୮ ଜଣ ଯୋଗ ମାଧମରେ ଚିକିତ୍ସା, ୨୧ ଜଣଙ୍କୁ ପ୍ରତିଶେଧକ ଟିକା ୮୦ ଜଣଙ୍କୁ କୋଭିଡି ଟିକା ୯ ଜଣଙ୍କୁ ସ୍ୱାସ୍ଥ୍ୟ ପରାମର୍ଶ ଦିଆଯାଇଥିଲା । ସ୍ୱାସ୍ଥ୍ୟ ଶିକ୍ଷା ପରିବେଷଣ ଏବଂ ଉପଦେଶ ଲୋକ ନୃତ୍ୟ ପରିବେଷଣ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବିଧାୟକଙ୍କ ବ୍ଲକ ପ୍ରତିନିଧି ଅଚ୍ୟୁତାନନ୍ଦ ପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଅମରେନ୍ଦ୍ର ପ୍ରସାଦ ପଟ୍ଟନାୟକ, ଦ୍ୱାରିକାନାଥ ଚୌଧୁରୀ, ପୂର୍ବତନ ସରପଂଚ ଭାଗ୍ୟଧର ନନ୍ଦୀ, ସୂର୍ଯ୍ୟନାରାୟଣ ଦାସ, ବାମନ ଚରଣ ଭୋଇ, ବିଧାୟକଙ୍କ ଅନୁସୂଚିତ ବର୍ଗର ପ୍ରତିନିଧି ଦୀନବନ୍ଧୁ ଭୋଇ, ଉମାଦେଇ ସରପଂଚ ରମାଲତା ନାୟକ, ସମିତି ସଭ୍ୟ ରଂଜନ କୁମାର ମହାପାତ୍ର, ଦିଲୀପ କୁମାର ମାର୍ଥା, ଶିବ ମଲ୍ଲିକ, ଶିଦ୍ଧେଶ୍ୱର ନାଥ, ବିଜୟ ମହାରଣାଙ୍କ ସହିତ ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray